



# ଡି'ବ୍ରଦର୍ସଙ୍କ ବିପକ୍ଷରେ ସାକ୍ଷୀ ନିରବ; ଚିନ୍ତାରେ ପୁଲିସ

କଟକ, ୨୬ ।୪(ସମିସ)

ଡି'ବ୍ରଦର୍ସ ଓରଫ୍ ଧଳସାମନ୍ତଙ୍କ ବିରୋଧରେ ଅଦାଲତରେ ସାକ୍ଷୀ ଦେବାକୁ ଜଣେ କେହି ବି ମଙ୍ଗୁ ନାହାନ୍ତି। ବିଭିନ୍ନ ଆଳ ଦେଖାଇ କୋର୍ଟରେ ଅନୁପସ୍ଥିତ ରହୁଛନ୍ତି। ଏବେ ଅଦାଲତରେ ବିଚାରଧୀନ ଥିବା ୩୦ଟି ମାମଲାରେ ୧୮୦ଜଣ ସାକ୍ଷୀ ମୁହଁ ଖୋଲୁ ନଥିବା ଖବର ମିଳିଛି। ଯାହାକି କମିଶନରେଟ୍ ପୁଲିସ ପାଇଁ ଚିନ୍ତାର କାରଣ ପାଲଟିଛି। ଯଦି ପୁଲିସ କିମ୍ବା ଅଦାଲତଙ୍କ ନିର୍ଦ୍ଦେଶକ୍ରମେ କୌଣସି ସାକ୍ଷୀ ଅଦାଲତରେ ସାକ୍ଷ୍ୟ ଦେବାକୁ ଯାଉଛନ୍ତି, ସେମାନେ ଧଳସାମନ୍ତ ଭ୍ରାତାଙ୍କୁ ଆଦୌ ଜାଣି ନ ଥିବା କଥା କହୁଛନ୍ତି। ଏଭଳି ସମ୍ବେଦନଶୀଳ ଘଟଣାରେ ସାକ୍ଷୀଙ୍କ ଉପରେ ପୁଲିସ ଚାପ ପ୍ରୟୋଗ କରିପାରିବ ନାହିଁ।

କୌଣସି ସାକ୍ଷୀ ଯଦି ନିଜକୁ ଅସୁରକ୍ଷିତ ଭାବନ୍ତି, ତେବେ ତାଙ୍କ ନିମନ୍ତେ କମିଶନରେଟ୍ ପୁଲିସ ପକ୍ଷରୁ 'ସାକ୍ଷୀ ସୁରକ୍ଷା ଯୋଜନା' ମାଧ୍ୟମରେ ସୁରକ୍ଷା ଯୋଗାଇ ଦେବାର ନିୟମ ରହିଛି। ଏହି ସୁରକ୍ଷା ନିମନ୍ତେ ନିଜେ ସାକ୍ଷୀ ପଡ଼ିଥିବା ବ୍ୟକ୍ତି ପୁଲିସ ବା ଅଦାଲତ ନିକଟରେ ଆବେଦନ କରିବାକୁ ହେବ। ଧଳସାମନ୍ତଙ୍କ ମାମଲାରେ ପୁଲିସ ନିଜ ପକ୍ଷରୁ ସାକ୍ଷୀଙ୍କୁ ସୁରକ୍ଷା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଲେ ମଧ୍ୟ ସାକ୍ଷ୍ୟ ପ୍ରଦାନ କରିବାକୁ ସମ୍ପୃକ୍ତ ବ୍ୟକ୍ତି ରାଜି ହେଉ ନ ଥିବା ଦେଖାଯାଉଛି। ସେହିଭଳି ଡି'ବ୍ରଦର୍ସ ମାମଲାରେ ସମ୍ପୃକ୍ତ ଥିବା ପ୍ରମୁଖ ପୁଲିସ ଅଫିସରମାନେ କଟକ ୟୁପିଡିରୁ ଅନ୍ୟତ୍ର ବଦଳି ହୋଇଗଲେଣି। ଯାହାଫଳରେ ସେମାନଙ୍କ ସୁରକ୍ଷା ପ୍ରତିଶ୍ରୁତି ଉପରେ ସାକ୍ଷୀମାନେ ଭରସା କରି ପାରୁ ନ ଥିବା ଜଣାପଡ଼ିଛି। ଏଭଳି ସ୍ଥିତିରେ ଧଳସାମନ୍ତ କେତେକ ଗୁରୁତ୍ୱପୂର୍ଣ୍ଣ ମାମଲାରୁ ଖସିଯିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ତାଙ୍କ ବିରୋଧରେ ମୋଟ ୩୮ଟି ମାମଲା ଅଦାଲତରେ ବିଚାରାଧୀନ ରହିଥିବା ବେଳେ ଏଯାବତ ୫ଟି ସଂଗୀନ ମାମଲାରେ ଧଳସାମନ୍ତ ଭ୍ରାତା ନିର୍ଦ୍ଦୋଶରେ ଖଲାସ ହୋଇସାରିଛନ୍ତି। ଏ ସମ୍ପର୍କରେ ଜଣେ ବରିଷ୍ଠ ପୁଲିସ ଅଫିସରଙ୍କୁ ପଚାରିବାରୁ ସେ କହିଛନ୍ତି, ଥାନାୱାରୀ ରହିଥିବା ସାକ୍ଷୀଙ୍କୁ ସୁରକ୍ଷା ପ୍ରଦାନ କରାଯାଉଛି। ବ୍ୟକ୍ତିଗତ ଭାବେ ସେମାନଙ୍କୁ ଡକାଯାଇ କୋର୍ଟରେ ସତ କଥା କହିବା ପାଇଁ କୁହାଯାଉଛି। ଧଳସାମନ୍ତଙ୍କ ନାଁରେ ରହିଥିବା ଗୁରୁତ୍ୱପୂର୍ଣ୍ଣ ମାମଲା ଗୁଡ଼ିକରେ ଥିବା ସାକ୍ଷୀମାନେ କୋର୍ଟରେ ଉପସ୍ଥିତ ରହିବା ପାଇଁ ନୋଟିସ ପଠାଯାଇଛି ବୋଲି ସେ କହିଛନ୍ତି।

ପ୍ରକାଶ ଥାଉ କି, ସିଏମ୍‌ସିରେ ନିୟୋଜିତ ରାମ୍‌କୀ ଠାରୁ ଦାଦାବଟି, ବେଆଇନ ମଦ ଗଚ୍ଛିତ ମାମଲା, ବନ୍ଧୁକ କାରବାର ଭଳି ମାମଲାଗୁଡ଼ିକରେ ସୁଶୀଲ ଓ ସୁଶାନ୍ତ ନିର୍ଦ୍ଦୋଶରେ ଖଲାସ ହୋଇଛନ୍ତି। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ଧଳସାମନ୍ତ ଭ୍ରାତାଙ୍କୁ ଅଦାଲତ ୩ଟି ଗୁରୁତ୍ୱପୂର୍ଣ୍ଣ ମାମଲାରେ ଦୋଷୀ ସାବ୍ୟସ୍ତ କରିଛି। ଯେଉଁଥିରୁ ମୁକୁଳିବା ସହଜସାଧ୍ୟ ନୁହେଁ। ବାରିପଦାର ଏକ ମାମଲାରେ ୭ ବର୍ଷ ଜେଲ ଦଣ୍ଡ ଭୋଗିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୮ ଅଗଷ୍ଟ ୨୦ ତାରିଖରେ କୋର୍ଟ ୨ଟି ଭିନ୍ନ ଭିନ୍ନ ମାମଲାରେ ୫ବର୍ଷ ଜେଲ ଦଣ୍ଡ ଶୁଣାଇଥିଲେ। ବେଆଇନ ବନ୍ଧୁକ ରଖିବା ଓ ଏହାକୁ ବ୍ୟବହାର କରିବା ମାମଲାରେ ୪ବର୍ଷ ଜେଲ୍ ଦଣ୍ଡ ଶୁଣାଯାଇଛି। ଏବେ ସମୁଦାୟ ୩୦ଟି ମାମଲା କୋର୍ଟରେ ବିଚାରାଧୀନ ଭାବେ ରହିଛି। ଏହି ମାମଲାଗୁଡ଼ିକରେ ସାକ୍ଷୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବା ବେଳେ ସାକ୍ଷୀମାନେ ଧରାଛୁଆଁ ନ ଦେବା ଧଳ ସାମନ୍ତଙ୍କୁ ସୁହାଉଥିବା ଅଭିଯୋଗ ଉଠିଛି।



**୧୮୦ଜଣ ସାକ୍ଷୀ କରୁନାହାନ୍ତି ସହଯୋଗ**

# ଏଲ୍‌ପିଜି ସିଲିଣ୍ଡରରେ ଭୋଟର ସଚେତନତା




କଟକ, ୨୬ ।୪(ସମିସ): ଚଳିତ ସାଧାରଣ ନିର୍ବାଚନରେ ଶତ ପ୍ରତିଶତ ଭୋଟ ଦାନ ଲକ୍ଷ୍ୟରେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରକାରର ସଚେତନତାମୂଳକ ପଦକ୍ଷେପ ହାତକୁ ନିଆଯାଉଛି। ଏହିକ୍ରମରେ ମତଦାନ ବୃଦ୍ଧି ନିମନ୍ତେ ଭାରତୀୟ ନିର୍ବାଚନ ଆୟୋଗ ଏବଂ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ କଟକ ଜିଲ୍ଲା ପ୍ରଶାସନ ପ୍ରୟାସରେ ଅଭିନବ ଶୈଳୀରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏଲପିଜି ସିଲିଣ୍ଡରଗୁଡ଼ିକରେ ମତାଧିକାର ସାବ୍ୟସ୍ତ କରିବାର ବାର୍ତ୍ତା ପ୍ରଚାର ପୂର୍ବକ ଷ୍ଟିକରିଂ କରାଯାଉଛି। କଟକ ଜିଲ୍ଲାର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକ ସଦର, ବଡମ୍ବା, ବାଙ୍କୀ ଏବଂ ଆଠଗଡ଼ ବିଧାନସଭା ଆସନ ନିମନ୍ତେ ଆସନ୍ତା ମଇ ୨୫ ତାରିଖରେ ମତଦାନ ପାଇଁ ନିର୍ବାଚନ ତାରିଖ ଚୂଡାନ୍ତ ହୋଇଛି। ଏହି ଏଲପିଜି ସିଲିଣ୍ଡର ଗୁଡିକରେ ଭୋଟଦାନ ତାରିଖ ମଇ ୨୫ ତାରିଖକୁ ମନେ ରଖିବା ନିମନ୍ତେ ବାର୍ତ୍ତା ମଧ୍ୟ ଉଲ୍ଲେଖ ରହିଛି। କଟକ ସହରରେ ଅଧିକରୁ ଅଧିକ ସଂଖ୍ୟାରେ ଭୋଟର ମତଦାନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# ଶତାଧିକ କଂଗ୍ରେସ କର୍ମୀ ବିଜେଡିରେ ସାମିଲ



କଟକ, ୨୬।୪(ସମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଓ ନିର୍ମଳ ଭାବମୂର୍ତ୍ତି ଏବଂ ଚୌଦ୍ୱାର କଟକର ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଡକରାରେ ଆଜି କଟକ ମହାନଗର ନିଗମ ଅନ୍ତର୍ଗତ ୪୦ନଂ ୱାର୍ଡର ଶତାଧିକ ସଂଖ୍ୟାଲଘୁ କଂଗ୍ରେସ କର୍ମୀ ବିଧାୟକ ସୌଭିକ ବିଶ୍ୱାଳଙ୍କ ମହାନଦୀବିହାର ସ୍ଥିତ ବାସଭବନରେ ପହଞ୍ଚି ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଆସିଫ ଅହମ୍ମଦ ଖାନ ଓ ଅବଦୁଲ କରିମଙ୍କ ନେତୃତ୍ୱରେ ଆୟୋଜିତ ମିଶ୍ରଣ ପର୍ବରେ ୱାର୍ଡର ପର୍ଯ୍ୟବେକ୍ଷକ ରାଜେନ୍ଦ୍ର ରଣା, ସ୍ଥାନୀୟ କର୍ପୋରେଟର ଝିଲ୍ଲୀ ବିହାରୀ, ପୂର୍ବତନ କର୍ପୋରେଟର ଜୟଦେବ ଜେନା ଓ ନଗର କମିଟି ବିଜେଡି ସମ୍ପାଦକ ଅବଦୁଲ ୱାଇଫ ଖାନ, ଇସୁଫ ଖାନ, ଅନୱାରୀ ବେଗମ, ନୁରୁ ଅହମ୍ମଦ ଖାନ, ହାଜି ଲୋକମାନ, ଲତିଫ ଖାନ, ଆରିଫ ଖାନ, ଜାଭେଦ ଅହମଦ ଖାନ, ଅକିଲ ଖାନ, ସେପୁଲ ରେହମାନ, ଅକ୍ତର୍ ଅହମ୍ମଦ ଖାନ, ରିୟାଜ ଅହମଦ ଖାନ, ୟାକୁବ ଖାନ, ଏମ ଡି ରିୟାଜ, ତଉଫିକ ବକ୍ସ, ସୋହେଲ୍ ଖାନ, ଆମଜାଦ ଖାନ, ଅଲେନ ଖାନ, ଇଫତାର ଖାନ, ଅଲି ବକ୍ସ ଓ ସମିର ବକ୍ସଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ଷ୍ଟିୱାର୍ଟ ସ୍କୁଲର ଜଳଛତ୍ର ଶିବିର

କଟକ, ୨୬।୪(ସମିସ): ଷ୍ଟିୱାର୍ଟ ସ୍କୁଲ୍‌ର ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ଏକ ଜଳଛତ୍ର ଖୋଲାଯାଇଛି। ଦିନ ୧୦ଟାରୁ ୧୨ଟା ଯାଏ ସ୍କୁଲ୍‌ର ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହି ଜଳବଣ୍ଟନ କରିଥିଲେ। ଅଧ୍ୟକ୍ଷା ଡି.ମାର୍ଟିନା, ପୂର୍ବତନ ଅଧ୍ୟକ୍ଷ ଏଫ୍. ସି.ନର୍ଥ ଜଳଛତ୍ର କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ଶତାଧିକ ପଥଚାରୀ ଏଠାରେ ରହି ଜଳଗ୍ରହଣ କରିଥିଲେ। କଟକରେ ପ୍ରଚଣ୍ଡ ଗ୍ରୀଷ୍ମଲହରୀ ଜାରି ରହିଛି। ଲୋକେ ଗରମରେ ଛଟପଟ ହେଉଛନ୍ତି। ଏଭଳି ସ୍ଥିତିରେ ସ୍କୁଲ୍ ତରଫରୁ ଜଳଛତ୍ର ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛି।




# ୨୮ରେ ଶିଶୁ ସାହିତ୍ୟ ଲେଖକ ସମ୍ମେଳନ

କଟକ, ୨୬।୪(ସମିସ)

ଶିଶୁ ସାହିତ୍ୟ ଲେଖକ ସମ୍ମେଳନ, ଓଡ଼ିଶାର ଦ୍ୱାବିଂଶ ସମାବର୍ତ୍ତନ ଉତ୍ସବରେ ଚଳିତ ବର୍ଷ ସର୍ବୋଚ୍ଚ ସମ୍ମାନ ଅନନ୍ତ ପଟ୍ଟନାୟକ ଶିଶୁ ସାହିତ୍ୟ ସମ୍ମାନ ଗ୍ରହଣ କରିବେ ବିଶିଷ୍ଟ ଶିଶୁ ସାହିତ୍ୟ ସ୍ରଷ୍ଟା ବୀରେନ୍ଦ୍ର କୁମାର ସାମନ୍ତରାୟ। ଅନ୍ୟମାନଙ୍କ ମଧ୍ୟରେ ନନ୍ଦ କିଶୋର ସାମଲ ସ୍ମୃତି ସମ୍ମାନ ବଳରାମ ରଣସିଂହ, ସୂର୍ଯ୍ୟମଣି ସାମନ୍ତରାୟ ସ୍ମାରକୀ ସମ୍ପାଦନା ସମ୍ମାନ ବିକାଶ କୁମର ଶତପଥୀ, ପ୍ରଫେସର ଜଗମୋହନ ରାଠୋର ଶିଶୁସାହିତ୍ୟ ଗବେଷଣା ସମ୍ମାନ ଡକ୍ଟର ପ୍ରବୀଣା ପରିଡ଼ା, ଜୟକୃଷ୍ଣ ସାହୁ ଶିଶୁ ସାହିତ୍ୟ ସମ୍ମାନ ପର୍ଶୁରାମ ବେହେରା, ବିଦ୍ୟୁତ୍‌ଲତା-ସଚ୍ଚିଦାନନ୍ଦ ଶିଶୁସାହିତ୍ୟ ସମ୍ମାନ ମହେନ୍ଦ୍ର କୁମାର ଘଡ଼େଇ, ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ସଂଗଠନ ସମ୍ମାନ ମୈତ୍ରୀ ଭୂଷଣ ଖୁଣ୍ଟିଆ, ଘନଶ୍ୟାମ ପାଣି ଯୁବ-ପ୍ରତିଭା ସମ୍ମାନ ଅଶୋକ ପ୍ରଧାନ, ଶୁକଦେବ ବାରିକ୍ ଶିଶୁ-ପ୍ରତିଭା ସମ୍ମାନ ସୁଶ୍ରୀ ତସନିମ୍ ସୁଲତାନା, ସାବିତ୍ରୀ ମହାପାତ୍ର ଶିଶୁ-ପ୍ରତିଭା ସମ୍ମାନ ସୁଶ୍ରୀ ଅର୍ପିତା ଦାଶ, ଲାଲ ବିହାରୀ ଉତ୍ତରସିଂହ ମେଧା ସମ୍ମାନ ସୁଶ୍ରୀ ଜ୍ୟୋତି ସ୍ୱାଇଁ, ମିହିର ସେନ୍ ସାହସିକ ସମ୍ମାନ ସୁଶ୍ରୀ ସୋନାଲି ସ୍ୱାଇଁ ଲାଭ କରିବେ। ଚଳିତ ବର୍ଷ ବରେଣ୍ୟ ଅତିଥି ରୂପେ ନେପାଳ ବାଲ୍-ସାହିତ୍ୟ ସମାଜର ମହାସଚିବ ବିଜୟ ରାଜ ଆଚାର୍ଯ୍ୟ ଯୋଗଦେବେ। ସଭାପତି ଡକ୍ଟର ମହେଶ୍ୱର ମହାନ୍ତିଙ୍କ ସଭାପତିତ୍ୱରେ ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ, ପ୍ରଫେସର ସୂର୍ଯ୍ୟମଣି ବେହେରା ଓ ପ୍ରଫେସର ନରେନ୍ଦ୍ର ପ୍ରସାଦ ଦାସ ଉଦ୍‌ଘାଟକ, ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଭାବେ ଯୋଗଦେବେ ବୋଲ ଅନୁଷ୍ଠାନର ସାଧାରଣ ସମ୍ପାଦକ ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଜଣାଇଛନ୍ତି।



**ବୀରେନ୍ଦ୍ର ସାମନ୍ତରାୟଙ୍କୁ ଅନନ୍ତ ପଟ୍ଟନାୟକ ଶିଶୁସାହିତ୍ୟ ସମ୍ମାନ**

# ୫୦ ଦିନରେ ଓଡ଼ିଆ ଫିଲ୍ମ 'ଅପରେସନ୍-୧୨/୧୭'



କଟକ, ୨୬।୪(ସମିସ)

ସାଇ ଲୁମ୍ବିନୀ ପ୍ରଡ଼କସନ୍ସରେ ନିର୍ମାଣ ହୋଇଥିବା ସିନେମା 'ଅପରେସନ୍ ୧୨/୧୭ ଦର୍ଶକଙ୍କ ମନ ଜିଣୁଛି। ବୃନ୍ଦାବନ ସିନେମା ହଲ୍‌ରେ ସିନେମାର ପୁରା ଟିମ୍ ଦର୍ଶକଙ୍କ ସହିତ ମିଶି ୫୦ ଦିନ ପୂର୍ତ୍ତି ଅବସରରେ କେକ୍ କାଟି ଖୁସି ମନେଇଛନ୍ତି। ଏହି ସ୍ୱତନ୍ତ୍ର ଖୁସି ଉପଲକ୍ଷେ ପୁରା ଟିମ୍ ସହିତ ଓଲିଉଡର ପ୍ରଯୋଜକ, ନିର୍ଦ୍ଦେଶକ, କଳାକାର ଯୋଗଦେଇଥିଲେ। ଏହି ସିନେମାର ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ ନିର୍ଦ୍ଦେଶନା ଦେଇଛନ୍ତି। କାହାଣୀ ଲେଖିଛନ୍ତି ଦ୍ୱୀପାୟନ ପଟ୍ଟନାୟକ, ସଂଳାପ ଲେଖିଛନ୍ତି ଦିଲ୍ଲୀପ ଚୌଧୁରୀ। ଗୀତଗୁଡିକ ଅରୁଣ ମନ୍ତ୍ରୀ ଏବଂ ଡକ୍ଟର ନିର୍ମଳ ନାୟକ ଲେଖିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାଶ। କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଋତୁରାଜ ମହାନ୍ତି, ସତ୍ୟଜିତ୍ ପ୍ରଧାନ, ଅସୀମା ପଣ୍ଡା ଏବଂ ଅନନ୍ୟା ଶ୍ରୀତମ ନନ୍ଦ। ଶ୍ରେୟାନ୍ ନାୟକ ଭାବେ ଦର୍ଶକଙ୍କୁ ତାଙ୍କ ଚମତ୍କାର ଅଭିନୟରେ ଅଭିଭୂତ କରିଥିଲେ। ଅନେକ ଧାରାବାହିକ ତଥା ଚଳଚ୍ଚିତ୍ରରେ ହାସ୍ୟ ଅଭିନେତା ଭାବେ ଅଭିନୟ କରିଥିବା ଅମର ମହାପାତ୍ର ଚଳଚ୍ଚିତ୍ର ଅପରେସନ୍ ୧୨/୧୭ରେ ଏକ ଭିନ୍ନ ଚରିତ୍ରରେ ଅଭିନୟ କରିବା ସହ ଲାଇନ୍ ପ୍ରଡ୍ୟୁସର କାର୍ଯ୍ୟଭାର ସମ୍ଭାଳିଛନ୍ତି। ଚୌଧୁରୀ ଜୟପ୍ରକାଶ ଦାସ, ପଙ୍କଜ ମହାନ୍ତି, ଉମାକାନ୍ତ ପାଣି, ପ୍ରଶାନ୍ତ ପାତ୍ର, ଦୁଷ୍ମନ୍ତ, କୈଳାସ ପାଣିଗ୍ରାହୀ ବିଜିତ ବାରିକ, ଲୋପାମୁଦ୍ରା, ତ୍ରିଷ୍ଣା, ବିଷ୍ଣୁପ୍ରିୟା, ସୋନାଲୀ, ସୁଜାତା (ଛୋଟ କଳାକାର କିୟାର, କୋମଲ) ପ୍ରମୁଖ ଅଭିନୟ କରିଛନ୍ତି। ଏହି ଚଳଚ୍ଚିତ୍ରର କ୍ରିଏଟିଭ୍ ହେଡ୍ ଅଛନ୍ତି ମିଡ଼ିଆ ପ୍ଲାନର ମୁଖ୍ୟ ପ୍ରଣୟ ଜେଠୀ। ଦିନରାତି ଅକ୍ଲାନ୍ତ ପରିଶ୍ରମ କରି ଓଡ଼ିଆ ଦର୍ଶକଙ୍କୁ ଏକ ଭଲ ମୌଳିକ କାହାଣୀର ଫିଲ୍ମ ଭେଟି ଦେବାରେ ଅମର ମହାପାତ୍ର ସଫଳ ହୋଇଛନ୍ତି ବୋଲି ପ୍ରକାଶ କରିଛନ୍ତି।

# କଟକ କଲେଜ ରେଡକ୍ରସ୍ ପକ୍ଷରୁ ଭୋଟର ସଚେତନତା




କଟକ, ୨୬।୪(ସମିସ): କଟକ ମହାବିଦ୍ୟାଳୟ ରେଡ୍‌କ୍ରସ୍ ଓ ରେଡ୍ ରିବନ୍ କ୍ଲବ୍ ତରଫରୁ ଭୋଟର ସଚେତନତା କାର୍ଯ୍ୟକ୍ରମ କଲେଜ ଅଧ୍ୟକ୍ଷା ଡକ୍ଟର ପ୍ରଣତୀ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ପ୍ରଦୀପ୍ତ କୁମାର ପାଣ୍ଡି ଓ ରେଡ୍ କ୍ରସ୍ ଅଧିକାରୀ ଅଧ୍ୟାପକ କୁମାର ପ୍ରଦୀପ୍ତ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଇତିହାସ ଅଧ୍ୟାପକ ଗୋବିନ୍ଦ ପୂର୍ତ୍ତି, ବାଣିଜ୍ୟ ଅଧ୍ୟାପିକା ଶୁଭ୍ରା ମହାରଣା, ଦର୍ଶନ ଅଧ୍ୟାପିକା ସୋନାଲି ନାୟକ, ଓଡିଆ ଅଧ୍ୟାପିକା ଶିବାନୀ ବରିହା ପ୍ରମୁଖ ଯୋଗଦେଇ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଟିମ୍ ଲିଡର ସୌରତପା ମହାନ୍ତି, ମୃତ୍ୟୁଞ୍ଜୟୀ ଚୌଧୁରୀ ଓ ସୁଚିତ୍ ଶୁଭଙ୍କର ସ୍ୱାଇଁ ଓ ନାଜମିନ୍ ସୁଲତାନାଙ୍କ ସମେତ ମହାବିଦ୍ୟାଳୟର ରେଡ୍‌କ୍ରସ୍ ଓ ଆର୍‌ଆର୍‌ସି ୟୁନିଟ ସଦସ୍ୟ ଉପସ୍ଥିତ ଥିଲେ।

# ନୀଳଚକ୍ର ପକ୍ଷରୁ ପାରଳା ମହାରାଜାଙ୍କ ଜୟନ୍ତୀ

କଟକ, ୨୬।୪(ସମିସ): ଓଡ଼ିଶାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ନୀଳଚକ୍ର ପକ୍ଷରୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ ବିନ୍ଧାଣୀ, ମହାନ ଦେଶଭକ୍ତ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଦେବଙ୍କ ୧୩୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ଓଏମପି ଛକସ୍ଥିତ ପାରଳା ମହାରାଜାଙ୍କ ପ୍ରତିମୂର୍ତ୍ତିରେ ଅନୁଷ୍ଠାନର ସଦସ୍ୟ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ପିଠାପୁରସ୍ଥିତ କେନ୍ଦ୍ରୀୟ କାର୍ଯ୍ୟାଳୟରେ ସଭାପତି ନମିତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ସ୍ମୃତିସଭା ଆୟୋଜନ ହୋଇଥିଲା। ଜାତିପ୍ରେମୀ, ଭାଷା ଓ ସଂସ୍କୃତିପ୍ରେମୀ ଭାବରେ ପାରଳା ମହାରାଜାଙ୍କ ଅବଦାନକୁ ଓଡ଼ିଆ ଜାତି ଭୁଲି ପାରିବ ନାହିଁ ବୋଲି ଉପସ୍ଥିତ ବୁଦ୍ଧିଜୀବୀ ମତପୋଷଣ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି କାହ୍ନୁଚରଣ ପାଣିଗ୍ରାହୀ, ଉପସଭାପତି ରଞ୍ଜନ ମହାନ୍ତି, ସଙ୍ଗଠନ ସମ୍ପାଦକ ଦୀପକ ମହାନ୍ତି, ଅଦ୍ୱୈତ ଚରଣ ନାୟକ, ଆଇନଜୀବୀ ପ୍ରଦୀପ୍ତ ମହାନ୍ତି, ଡଃ ରବିରଞ୍ଜନ ସାହୁ, ଅଶ୍ୱିନୀ କୁମାର ସେଠୀ, ବିଦ୍ୟୁତ କୁମାରୀ ଲାଲା, ଡଃ ନୀଳାଦ୍ରୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



**ଶୈଳବାଳା ଛାତ୍ରୀଙ୍କ ସହ ସଂତୃପ୍ତଙ୍କ ଆଲୋଚନା**

# 'ଉତ୍ତମ ବିଚାରଧାରା ଉନ୍ନତ ଭବିଷ୍ୟତ ତିଆରି କରେ'





କଟକ, ୨୬।୪(ସମିସ): 'ତୁମ ଦକ୍ଷତାକୁ ଚିହ୍ନ। ତୁମ ଭିତରେ ଥିବା ଉର୍ଜା ତୁମକୁ ଆଗକୁ ନେବ। ଯେଉଁଥିରେ ତୁମେ ପାରଙ୍ଗମ, ସେ କ୍ଷେତ୍ରରେ କାର୍ଯ୍ୟକର। ଯାହା ତୁମକୁ ଖୁସି ଦେଉଛି ସେଥିରେ ମନୋନିବେଶ କର। ଉତ୍ତମ ବିଚାରଧାରା, ଏକ ଉନ୍ନତ ଭବିଷ୍ୟତ ଗଠନ ଦିଗରେ ନିଶ୍ଚିତ ରୂପେ ସହାୟକ ହେବ'। ବାରବାଟୀ ଷ୍ଟାଡିୟମ ପରିସର ହର୍ଷଗେଟ୍ ସମ୍ମିଳନୀ କକ୍ଷରେ ଶୁକ୍ରବାର ଛାତ୍ରୀମାନଙ୍କୁ ନେଇ ଆୟୋଜିତ ଭାବବିନିମୟ କାର୍ଯ୍ୟକ୍ରମରେ ଏହା କହିଛନ୍ତି ବିଜୁ ଜନତା ଦଳର କଟକ ଲୋକସଭା ସାଂସଦ ପ୍ରାର୍ଥୀ ଡଃ ସଂତୃପ୍ତ ମିଶ୍ର। ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟର ୪୦୦ରୁ ଅଧିକ ଛାତ୍ରୀ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

ନିର୍ବାଚନଠାରୁ ଆରମ୍ଭ କରି ଛାତ୍ରୀମାନଙ୍କ ଭବିଷ୍ୟତ ଗଠନ ଦିଗରେ ପ୍ରାୟ ଏକ ଘଣ୍ଟାର ଆଲୋଚନା ହୋଇଥିଲା। ସାଂସଦ ପ୍ରାର୍ଥୀ ଡଃ ମିଶ୍ର ଛାତ୍ରୀମାନଙ୍କୁ ପ୍ରଥମେ ପ୍ରଶ୍ନ କରିଥିଲେ। ସେମାନଙ୍କ ଇଚ୍ଛା, ଆକାଂକ୍ଷା ଓ ଭବିଷ୍ୟତର ଲକ୍ଷ୍ୟ ବାବଦରେ ଜାଣିବାକୁ ଚେଷ୍ଟା କରିଥିଲେ। ନିଜର ଦକ୍ଷତା ଉପରେ ଭରସା ନହେବା, ଆର୍ଥିକ ସମସ୍ୟା ଦେଖାଦେବା ଭଳି ପ୍ରସଙ୍ଗ ଛାତ୍ରୀମାନେ ଉପସ୍ଥାପନ କରିଥିଲେ। ତେବେ ଅନଲାଇନ୍ ଯୁଗର ଉଦାହରଣ ଦେଇ ସବୁକିଛି ଜ୍ଞାନକୌଶଳ ଏବେ ସହଜରେ ହାତ ପାଆନ୍ତାରେ ମିଳୁଛି, ଏଣୁ ଏହାର ସଦୁପଯୋଗ କରିବାକୁ ସାଂସଦ ପ୍ରାର୍ଥୀ ଡଃ ମିଶ୍ର ପରାମର୍ଶ ଦେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସାଂସଦ ପ୍ରାର୍ଥୀ ଡଃ ମିଶ୍ରଙ୍କୁ ଛାତ୍ରୀମାନଙ୍କ ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଜଣେ ସଫଳ ରାଜନେତା ହେବା ପାଇଁ କେଉଁ ପନ୍ଥା ଗ୍ରହଣ କରିବାକୁ ପଡ଼ିବ ବୋଲି କାର୍ଯ୍ୟକ୍ରମରେ ପ୍ରଶ୍ନ ଉଠିଥିଲା। ଏହାର ଉତ୍ତରରେ ଡଃ ମିଶ୍ର କହିଥିଲେ ଯେ, ତୁମ ଅନ୍ତର୍ନିହିତ ଗୁଣକୁ ପରିପ୍ରକାଶ କରିବାକୁ ସବୁବେଳେ ଉଦ୍ୟମ କର। ଶିକ୍ଷା ହେଉ କି ରାଜନୀତି, ଯଦି ତୁମେ ଉତ୍ତମ ବିଚାରଧାରା ରଖି କାର୍ଯ୍ୟ କରିବ, ତାହେଲେ ନିହାତି ରୂପେ ସଫଳ ହେବ। ସେହିପରି ସ୍ୱୟଂ ଶାସିତ ମାନ୍ୟତା ପାଇଥିବା ଏହି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ଦିଗରେ ଆଲୋଚନା ହୋଇଥିଲା। ସାଂସଦ ପ୍ରାର୍ଥୀ ଡଃ ମିଶ୍ରଙ୍କ ମା' ସରଜୁବାଳା ମିଶ୍ର ଏହି ମହାବିଦ୍ୟାଳୟର ପୁରାତନ ଛାତ୍ରୀ। ଏହି ଦୃଷ୍ଟିରୁ ଶୈଳବାଳା ମହାବିଦ୍ୟାଳୟ ପ୍ରତି ପରୋକ୍ଷରେ ଏକ ନିବିଡ଼ ସମ୍ପର୍କ ରହିଛି ବୋଲି ସେ କହିଥିଲେ। ସମସ୍ତେ ଆଗାମୀ ସାଧାରଣ ନିର୍ବାଚନରେ ନିଜ ମତଦାନ କରି ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସଫଳ କରିବାକୁ ସେ ପରାମର୍ଶ ଦେଇଛନ୍ତି। ନିଜ ଭୋଟ୍ ଦେବା ପୂର୍ବରୁ ପ୍ରାର୍ଥୀଙ୍କୁ ଚିହ୍ନ। ଗୁଗୁଲ୍‌ର ବ୍ୟବହାର କରି ସେମାନଙ୍କ ବିଷୟରେ ଜାଣିବା ପରେ ନିଜ ମୂଲ୍ୟବାନ ଭୋଟ ଯୋଗ୍ୟ ପ୍ରାର୍ଥୀଙ୍କୁ ଦେବାକୁ ସାଂସଦ ପ୍ରାର୍ଥୀ ଡଃ ମିଶ୍ର ଛାତ୍ରୀମାନଙ୍କୁ ନିବେଦନ କରିଥିଲେ। ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ପର୍ଯ୍ୟବେକ୍ଷକ ଶୋଭେନ ମହାନ୍ତି ଯୋଗ ଦେଇଥିଲେ। ଛାତ୍ର ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ପ୍ରୀତି ପ୍ରିୟଙ୍କା, ସନ୍ତୋଷ ମହାପାତ୍ର, ଦେବାଶିଷ ସ୍ୱାଇଁ, କଟକ ଜିଲ୍ଲା ଛାତ୍ର ବିଜେଡି ସଭାପତି ଆସିଫ ଅମିନ ଉପସ୍ଥିତ ଥିଲେ।

# କଟକ ସିଟି





## ବାଉନ ବଜାର ତେପନ ଗଳି



# ବକ୍ସି ବଜାର

### ଐତିହାସିକ ଅମରେଶ୍ୱର ମନ୍ଦିର

କଟକ ସହରର ଅନ୍ୟତମ ପୁରାତନ ଓ ମୁଖ୍ୟ ଶୈବପୀଠ କହିଲେ ବକ୍ସି ବଜାର ଅଞ୍ଚଳର ଅମରେଶ୍ୱର ମହାଦେବ ମନ୍ଦିରଙ୍କୁ ବୁଝାଇଥାଏ । ଏହି ମନ୍ଦିରର ମହାତ୍ମ୍ୟ ଅନେକ ରହିଛି । ଏଠାରେ ପୂଜା ପାଉଥିବା ବାବା ଅମରେଶ୍ୱର ପାତାଳଫୁଟ ବା ସ୍ୱୟଂ ଆବିର୍ଭାବ ହୋଇଛନ୍ତି । ଲୋକକଥାରୁ ଶୁଣିବାକୁ ମିଳେ ଯେ, ଜଣେ ବ୍ୟକ୍ତିଙ୍କର ପୁତ୍ରର ଆକସ୍ମିକ ମୃତ୍ୟୁ ଘଟିବା ପରେ ସେ ଏଠାକୁ ଆସି ବାବାଙ୍କ ନିକଟରେ ଅଧିଆ ପଡ଼ିଥିଲା । ଫଳରେ ତାଙ୍କ ପୁତ୍ରର ଜୀବନ ଫେରି ପାରିଥିଲା । ମୃତ ଲୋକଙ୍କୁ ଜୀବନ ଦେଇ ଅମର କରୁଥିବାରୁ ବାବାଙ୍କ ପୀଠର ନାମ ଅମରେଶ୍ୱର ରଖାଯାଇଥିଲା ବୋଲି ଲୋକମୁଖରୁ ଶୁଣିବାକୁ ମିଳେ ।



### ପର୍ବପର୍ବାଣୀ ଓ ଯାନିଯାତରା

ସାହିରେ ୧୨ ମାସରେ ୧୩ ଯାତ୍ରା ହେଉଥିବା ବେଳେ ଦୁର୍ଗାପୂଜା, କାଳୀପୂଜା, ଗଣେଶ ପୂଜା, କାର୍ତ୍ତିକେଶ୍ୱର ପୂଜା ଓ ସରସ୍ୱତୀ ପୂଜା ବଡ଼ ଧୂମଧାମରେ ପାଳିତ ହୋଇଥାଏ । ସାହିର ଥିବା ଅମରେଶ୍ୱର ଶୈବ ପୀଠରେ ଶିବରାତ୍ରି ଓ ଶୀତଳଷଷ୍ଠୀ ମହାସମାରୋହରରେ ପାଳନ କରାଯାଇଥାଏ । ରଥଯାତ୍ରା ଓ ଅଗିପୂର୍ଣ୍ଣିମା ମଧ୍ୟ ବିଭିନ୍ନ ମନ୍ଦିରରେ ପାରମ୍ପରିକ ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଥାଏ । ସାହିରେ ଲକ୍ଷ୍ମୀ ପୂଜା ଓ କୁମାର ପୂର୍ଣ୍ଣିମା ବଡ଼ ଧୂମଧାମରେ ଆୟୋଜିତ ହେବା ସହ ତେଲୁଗୁ ସମ୍ପ୍ରଦାୟର ଷୋଳପୁଅ ମା' ପୂଜା, ମୁସଲିମ୍ ସମ୍ପ୍ରଦାୟର ଇଦ ଓ ମହରମ୍ ପର୍ବ ମଧ୍ୟ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଥାଏ ।

"ଏଠାକାର ମାଟି କଥା କୁହେ, ପାଣି ଓ ପବନ'ରେ ଭରି ରହିଛି ହଜାର ବର୍ଷର ବାସ୍ନା । ଏଠି ସବୁ ହୃଦୟରେ ଦେଖିବାକୁ ମିଳେ 'ଭାଇଚାରା'ର ନିଆରା ନିଦର୍ଶନ । କିଏ, କେଉଁଠି, କାହିଁକି ଓ କେମିତି ଏ ସହରକୁ ଆସିଛି, ତାହା ଏଠି ବୁଝାଯାଏ ନାହିଁ । ଭାଇ'ଟିଏ ହୋଇ କାନ୍ଧ' ଦେଖାଏ ଏ ସହର । କେବେ ମା'ପରି ପଣତକାନିରେ ଲୁହ ପୋଛି ଦିଏ ତ ଆଉ କେତେବେଳେ ବାପା'ଟିଏ ହେଇ ଅନୁଶାସନର ନାଲି ଆଖି ଦେଖାଏ । ସାମ୍ପ୍ରତିକ ଅତ୍ୟାଧୁନିକ ସହରୀ ସଭ୍ୟତାର ଊର୍ଦ୍ଧ୍ୱକୁ ଯାଇ ଏ ସହର ଦେଖାଏ ଏକ ବିରାଟ୍ ଗାଁ'ର ଆତ୍ମୀୟତା... ଏବେ ରୂପାନ୍ତରଣ'ର ସ୍ପର୍ଶରେ ଝଲସୁଛି ରୌପ୍ୟନଗରୀ । ଏ ସହର ଛାତି ଉପରେ ଛିଡା ହୋଇ ଆକାଶ'କୁ ମୁଣ୍ଡ ଟେକିଲାଣି ନୂଆ ଏକ କଟକ । ଆଉ ନାହିଁ ସେ ଦିନର ସଂକୀର୍ଣ୍ଣ ରାସ୍ତା, ଦୁର୍ଗନ୍ଧ ପରିବେଶ, ଅଳିଆ ଓ ଆବର୍ଜନାମୟ ସଂଗୀନ ସ୍ଥିତି । ଏବେ ଚମକୁଛି ବାଉନ ବଜାର ତେପନ ଗଳି' । ଏଠାକାର ଗଳିକନ୍ଦିରେ ଲୁଚି ରହିଛି ହଜାର ବର୍ଷର ସାହିତ୍ୟ, କଳା, ସଂସ୍କୃତି, ଐତିହ୍ୟ ଓ ଇତିହାସ । କେଶରୀ ବଂଶର ରାଜା ନୃପ କେଶରୀଙ୍କ ଦ୍ୱାରା ୯୮୯ ଖ୍ରୀ.ଅରେ ପ୍ରତିଷ୍ଠା ହୋଇଥିବା ଏ ସହରର 'ବାଉନ ବଜାର ତେପନ ଗଳି' ପଛରେ ଥିବା କାହାଣୀ'କୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା..."

### ନାଁ ପଛର କାହାଣୀ

କଟକ ସହରର କେନ୍ଦ୍ରସ୍ଥଳରେ ରହିଛି ବକ୍ସି ବଜାର । ଏହା କଟକର ଏକ ପ୍ରମୁଖ ଅଞ୍ଚଳ ଭାବେ ପରିଚିତ । ଏହି ଅଞ୍ଚଳର ନାମକରଣ ନେଇ ବହୁ କଥା ଶୁଣାଯାଏ । ଏଠାରେ ବକ୍ସି ଜଗବନ୍ଧୁଙ୍କୁ ଗୃହବନ୍ଦୀ କରି ରଖାଯାଇଥିଲା । ଆତ୍ମସମର୍ପଣ ପରେ ସେ ସପରିବାର ଏଠାରେ ରହୁଥିଲେ । ସେ ଏଠାରେ ଦେହତ୍ୟାଗ କରିଥିଲେ । ତେଣୁ ତାଙ୍କ ନାମାନୁସାରେ ଅଞ୍ଚଳର ନାମକରଣ କରାଯାଇଛି ବକ୍ସି ବଜାର । କିନ୍ତୁ ଏହା ସତ ନୁହେଁ ବୋଲି ଅନେକ ମତ ଦିଅନ୍ତି । ପୁଣି ଶୁଣାଯାଏ ଯେ, ବକ୍ସି ଜଗବନ୍ଧୁଙ୍କୁ ଏଠାରେ ବନ୍ଦୀ କରି ଆଣିବାର ଅନେକ ପୂର୍ବରୁ ଏହି ଅଞ୍ଚଳରେ ମୀର ବକ୍ସି ନାମକ ଜଣେ ଟ୍ୟାକ୍ସ କଲେକ୍ଟର ରହୁଥିଲେ । ତାଙ୍କ ନାମ ଅନୁସାରେ ଇଂରେଜମାନେ ଏହି ଅଞ୍ଚଳର ନାମ ରଖିଥିଲେ ବକ୍ସି ବଜାର ।

### ପରିସୀମା

ବକ୍ସି ବଜାର ପୂର୍ବରୁ ଏକ ବିରାଟ ସାହି ରହିଥିଲା । କାଳକ୍ରମେ ଜନସଂଖ୍ୟା ବୃଦ୍ଧି ପାଇବାରୁ ବକ୍ସି ବଜାର ବର୍ତ୍ତମାନ ଅନେକ ଛୋଟ ଛୋଟ ସାହିରେ ଭାଗ ହୋଇଯାଇଛି । ବର୍ତ୍ତମାନ ବକ୍ସି ବଜାର ଅଞ୍ଚଳର ପରିସୀମା କହିଲେ ମଣିସାହୁ ଛକରୁ ବାରାପଥର ଓ ବେପାରୀ ସାହିରୁ ପେନସନ ଲେନ ପର୍ଯ୍ୟନ୍ତ ସାହିର ଅଞ୍ଚଳ ରହିଛି । ବକ୍ସି ବଜାର ଅଞ୍ଚଳ କଟକ ମହାନଗର ନିଗମର ୧୫, ୧୭ ଓ ୨୫ନଂ ୱାର୍ଡରେ ଆସୁଥିବା ବେଳେ ସାହିର ସମସ୍ତ ଅଞ୍ଚଳ ମଙ୍ଗଳାବାଗ, ଦରଘାବଜାର ଓ କ୍ୟାଣ୍ଟନମେଣ୍ଟ ଥାନା ପରିସୀମା ମଧ୍ୟରେ ଆସିଥାଏ । ସାହିରେ ବର୍ତ୍ତମାନ ଲୋକସଂଖ୍ୟା ୫ ହଜାରରୁ ଊର୍ଦ୍ଧ୍ୱ ହେବ ।

### ବିଭିନ୍ନ ସାହି

ବେପାରୀ ସାହି, ସୁବେଦାର ଲେନ୍, ଧୋବୀ ଲେନ୍, ବାଶୁଳୀ ସାହି, ବଣିଆ ସାହି, ନାୟକ ସାହି, ମଣିସାହୁ ଛକ, ବଢେଇ ସାହି, ପେନସନ ଲେନ୍, କୁମ୍ଭାର ସାହି ରହିଛି ।



### ପ୍ରମୁଖ ଅନୁଷ୍ଠାନ ଓ ପ୍ରତିଷ୍ଠାନ

ହାଡ଼ିବନ୍ଧୁ ହାଇସ୍କୁଲ, ବେପାରୀ ସାହି ପ୍ରାଇମେରୀ ସ୍କୁଲ, ଜିଲ୍ଲା ପଶୁ ଚିକିତ୍ସାଳୟ, ପାନ୍ଥ ନିବାସ, ପୁଲିସ ମୋଟର ଭେଇକିଲ ଟ୍ରାନ୍ସପୋର୍ଟ, ରାଜ୍ୟ ପୁଲିସ ମୁଖ୍ୟାଳୟ, ମୁଖ୍ୟ ଅଗ୍ନିଶମ କେନ୍ଦ୍ର, ହେଡ ପୋଷ୍ଟ ଅଫିସ, ସମାଜ କାର୍ଯ୍ୟାଳୟ, ଆର ଆଣ୍ଡ ବି ଅଫିସ, ଡିଇଟି ଅଫିସ, ଟେଲିଗ୍ରାମ ଅଫିସ, ବଲ୍ଲି ଭଗତ ପ୍ରାଇମେରୀ ସ୍କୁଲ, ଷ୍ଟିୱାର୍ଟ ସାଇନ୍ସ କଲେଜ ।







ବକ୍ସି ବଜାର କଟକ ସହରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ବକ୍ସି ବଜାର ପୂର୍ବରୁ ୭ ସାହିକୁ ନେଇ ଏକ ବିରାଟ ଅଞ୍ଚଳ ରହିଥିଲା । କାଳକ୍ରମେ ସାହିର କଳେବର ଓ ଲୋକସଂଖ୍ୟା ବଢ଼ିବାରୁ ବକ୍ସି ବଜାର ବିଭିନ୍ନ ଛୋଟ ଛୋଟ ସାହିରେ ବିଭକ୍ତ ହୋଇଯାଇଛି । ହେଲେ ଆଜି ବି ସମସ୍ତ ସାହି ମଧ୍ୟରେ ଉତ୍ତମ ବୁଝାମଣା ଓ ସମ୍ପର୍କ ରହିଛି । ପର୍ବପର୍ବାଣୀ ଯାନିଯାତରାରେ ସାହିର ସମସ୍ତେ ଏକଜୁଟ ହୋଇ କାର୍ଯ୍ୟକ୍ରମକୁ ସଫଳ କରିଥାନ୍ତି ।

**ରାକେଶ ସାହୁ**, ସମ୍ପାଦକ, ମଣିସାହୁ ଛକ ପୂଜା କମିଟି



ଆମ ସାହି କଟକର ଅନ୍ୟତମ ଶୃଙ୍ଖଳିତ ସାହି । ବକ୍ସି ବଜାର ହେଉଛି କଟକର ସବୁଠାରୁ ପୁରୁଣା ବଜାର । ପୂର୍ବରୁ ଏହାକୁ ମାଲଗୋଦାମ ଅଞ୍ଚଳ ବୋଲି କୁହାଯାଉଥିଲା । ଆମ ଅଞ୍ଚଳରେ ବିଭିନ୍ନ ଧର୍ମ ଓ ସମ୍ପ୍ରଦାୟର ଲୋକ ବାସ କରନ୍ତି । ହେଲେ ଏଠାରେ କେବେ କୌଣସି ସମସ୍ୟା ଉପୁଜି ନାହିଁ ବରଂ ସମସ୍ତେ ଏଠାରେ ଭାଇଚାରର ମଧ୍ୟରେ ପରସ୍ପରକୁ ବିଭିନ୍ନ ପର୍ବପର୍ବାଣୀରେ ସାହାଯ୍ୟ ସହଯୋଗ କରିଥାନ୍ତି ।

**ସଲିଳ କୁମାର ଘୋଷ**, ସଭାପତି, ବକ୍ସି ବଜାର ବ୍ୟବସାୟୀ ସଂଘ



ମୋତେ ୮୭ ଟପିଲାଣି । ଆମ ବେଳର ବକ୍ସିବଜାର ଆଉ ଆଜିର ବକ୍ସି ବଜାର ମଧ୍ୟରେ ଆକାଶପାତାଳ ଫରକ । ସେତେବେଳେ ଏତେ କୋଠାବାଡ଼ି ନ ଥିଲା କି ବିଦ୍ୟୁତ ବ୍ୟବସ୍ଥା ମଧ୍ୟ ନ ଥିଲା । ଖୁଣ୍ଟ ଗୁଡିକରେ କିରାସିନ ବତି ଜଳୁଥିଲା । ରାସ୍ତାଘାଟ ମଧ୍ୟ ନ ଥିଲା ନାଲି ଗୋଡି ମାଟି ରାସ୍ତା ରହିଥିଲା ହେଲେ ସମୟ ସହ ତାଳଦେଇ ସାହିର ନକ୍ସାରେ ମଧ୍ୟ ଅନେକ ପରିବର୍ତ୍ତନ ହୋଇଗଲାଣି ।

**ବୀର କିଶୋର ସାହୁ**, ବରିଷ୍ଠ ନାଗରିକ



ବକ୍ସି ବଜାର ଅଞ୍ଚଳ କଟକର ସବୁ ସାହି ମଧ୍ୟରୁ ସ୍ୱତନ୍ତ୍ର । ଆମ ସାହିରେ ସାତ ସାହି ଓ ବିଭିନ୍ନ ଧର୍ମର ଲୋକ ବସବାସ କରୁଥିଲେ ମଧ୍ୟ ସାହିର ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦିତ ହୋଇଥାଏ । ଆମ ଅଞ୍ଚଳର ଯୁବକ ମାନେ ସବୁବେଳେ ପୁଲିସ ପ୍ରଶାସନ ଓ ସାହିର ମୁରବୀଙ୍କ ନିଷ୍ପତ୍ତି ଅନୁସାରେ ସମସ୍ତ କାର୍ଯ୍ୟ କରିଥାନ୍ତି ।

**ମଧୁସୂଦନ ସାହୁ**, ପୂର୍ବତନ ଡେପୁଟି ମେୟର



ଭାଇଚାରାର ସହର କଟକରେ ବକ୍ସି ବଜାର ନିଜ ଭାଇଚାରା ପାଇଁ ଅନନ୍ୟ । ସାହିର ଯୁବକମାନେ ସବୁବେଳେ ସେବା ସହଯୋଗ କରିବା ପାଇଁ ଆଗଭର ଥାଆନ୍ତି । ପୂଜା ପାର୍ବଣ ହେଉ କି କୌଣସି ଦୈବୀ ଦୁର୍ବିପାକ ହେଉ ସାହିର ଉତ୍ସାହୀ ଯୁବକମାନେ ସହଯୋଗ କରିବା ପାଇଁ ସବୁବେଳେ ଆଗରେ ରହିଥାନ୍ତି ।

**ମନୋଜ ପଣ୍ଡା**, ଯୁବ ସମାଜସେବୀ





### କ୍ଲବ୍ ଓ ଯୁବକ ସଂଘ

ବକ୍ସି ବଜାର ଯୁବକ ସଂଘ, ମଣିସାହୁ ଛକ ଯୁବକ ସଂଘ, ବଢେଇ ସାହି ଯୁବକ ସଂଘ, କ୍ଲବ୍ ଆଣ୍ଡ କ୍ଲବ୍, ଅରୁଣୋଦୟ କ୍ଲବ୍, ପ୍ରିମିୟର କ୍ଲବ୍, ବକ୍ସି ବଜାର ବଣିକ ସଂଘ, ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ, ବୀଣାପାଣି କ୍ଲବ୍ ରହିଛି ।

### ବିଶିଷ୍ଟ ବ୍ୟକ୍ତିବିଶେଷ

ବିଶିଷ୍ଟ ବ୍ୟବସାୟୀ ମଣି ସାହୁ, ମହେନ୍ଦ୍ର ସାହୁ, ବଲ୍ଲି ଭଗତ, ହାଡ଼ିବନ୍ଧୁ ସାହୁ, ଡା. ମାନଗୋବିନ୍ଦ ସାହୁ, ଭ୍ରମରବର ସାହୁ, ମଧୁସୂଦନ ସାହୁ, ହୃଷିକେଶ ସାହୁ, କୈଳାଶ ସାହୁ, ପୀତବାସ ସାହୁ, ବୀରକିଶୋର ସାହୁ, ଦିଲ୍ଲୀପ ସାହୁ ।

### ସମସ୍ୟା

ବକ୍ସି ବଜାରରେ ବର୍ତ୍ତମାନ ସମସ୍ୟା କହିଲେ ବର୍ଷା ଦିନେ ଜଳ ନିଷ୍କାସନ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି । ଏଥି ସହ ସାହିର କିଛି ଗଳି ସ୍ଥାନରେ ରାସ୍ତା ଗୁଡିକ ଭାଙ୍ଗି ଯାଇଛି ।

### ଖାଦ୍ୟ ଦେଇଛି ପରିଚୟ

ବକ୍ସି ବଜାର ଅଞ୍ଚଳରେ ଥିବା ଗୌରାଙ୍ଗ ସାହୁଙ୍କର ପୁରୀ ତରକାରୀ ଖାଇବାକୁ ଏଠାରେ ଲୋକଙ୍କ ଭିଡ ଜମିଥାଏ । ଜଗବନ୍ଧୁ ହିନ୍ଦୁ ହୋଟେଲ, ପଟେଲ ବେକରୀ, ହଟିଆ ସାହୁଙ୍କ ଜଳଖିଆ ଦୋକାନ, ଗନ୍ଧର୍ବ ଖଟୁଆଙ୍କ ସର୍ବତ, ଚିନ୍ତାମଣୀ ମିକ୍ସର, ଭଗତ ମିକ୍ସର, ଦ୍ୱୀଜ ଦହିବରା ଆଳୁଦମ ଓ କୃଷ୍ଣ ଦହିବରା ଆଳୁଦମ, ବାଲିଯାତ୍ରାରେ ଜଗୁଆ ସାହୁଙ୍କ ଠୁଙ୍କାପୁରୀ, ଦିଲୁ ଓ ସିଲୁ ଚାହା ଦୋକାନ, ବିଚି ଭାଇଙ୍କ ଚାହା ଦୋକାନ ମଧ୍ୟ ପ୍ରସିଦ୍ଧି ଲାଭ କରିଛି ।

### ପ୍ରମୁଖ ଧର୍ମାନୁଷ୍ଠାନ

ଅମରେଶ୍ୱର ମନ୍ଦିର, ଅଷ୍ଟଶମ୍ଭୁ ମନ୍ଦିର, ବକ୍ସି ବଜାର ବଢେଇ ସାହି ବାସ୍ତରୀ ମଠ, ଯୁଗଳକିଶୋର ମଠ, ପଲଟନ ମସଜିଦ, ଜଙ୍ଗଲୀ ପୀର ପୀଠ, ମଲଙ୍ଗ ସାହେବ ପୀର, ପଲଟନ ମହାବୀର ମନ୍ଦିର, ବେପାରୀ ସାହି ରାମ ଲକ୍ଷ୍ମଣ ମହାବୀର ମନ୍ଦିର, କରମଙ୍ଗା ମଠ, ଭଟ୍ଟ ମଠ, ବାଶୁଳୀ ସାହିର ବାଶୁଳୀ ଠାକୁରାଣୀ, ଲଙ୍ଗୁଳିବାବା ମଠ, ମଣିସାହୁ ମଠ, ସୁଲତାନିଆ ମସଜିଦ, ଜାଚକ ଲେନ ଚର୍ଚ୍ଚ ।






ସକାଳ THE SAKALA



www.sakalaepaper.com

# ମହାନଦୀ ପାଣି ପିଉଛନ୍ତି ଏକଡାଳ ଗ୍ରାମବାସୀ

**● ୫୦ ବର୍ଷ ହେବ ଲାଗି ରହିଛି ପାନୀୟଜଳ ସମସ୍ୟା ● ଗରା ବାଲ୍ଟି ଧରି ମହିଳାଙ୍କ ପ୍ରତିବାଦ**





**ନରସିଂହପୁର,୨୬।୪(ସମିସ)** ନରସିଂହପୁର ବ୍ଲକର ବିଭିନ୍ନ ସ୍ଥାନରେ ଉତ୍କଟ ପାନୀୟଜଳ ସମସ୍ୟା ଦେଖାଦେଇଛି । ବୃକକ ସମସ୍ୟା ପ୍ରବଣ ଅଞ୍ଚଳ ହୋଇଥିବାରୁ ଲୋକେ ଶୁଦ୍ଧ ପାନୀୟଜଳରୁ ବଞ୍ଚିତ ହୋଇଛନ୍ତି । ନଦୀ ବନ୍ଧ ପାଶ୍ୱର୍ରେ ଗାଁ ଅବସ୍ଥିତ ଥିଲେ ମଧ ଗ୍ରାମବାସୀଙ୍କୁ ଶୁଦ୍ଧ ପାନୀୟ ଜଳ ମିଳୁନି । ଏକଡ଼ାଳ ପଞ୍ଚାୟତ ୯ ନମ୍ବର ୱାର୍ଡ କୈବର୍ତ୍ତ ସାହିର ଶହେରୁ ଉର୍ଦ୍ଧ୍ୱ ପରିବାର ମହାନଦୀ ଉପରେ ନିର୍ଭର । ଏକଡାଳ କୈବର୍ତ୍ତ ସାହିର ଲୋକେ ଗରା ବାଲ୍ଟି ଧରି ଦିନକୁ ଦୁଇ ଓଳି ମହାନଦୀରୁ ପାଣି ନେଇ ଚଳୁଛନ୍ତି । ସେହି ପାଣିରେ ଖାଦ୍ୟ ପ୍ରସ୍ତୁତିଠାରୁ ନେଇ ପିଇବା ପର୍ଯ୍ୟନ୍ତ ଲୋକେ ବ୍ୟବହାର କରୁଛନ୍ତି । କିଏ ପାଣି ବୋତଲ ନେଇ ମଧ ମହାନଦୀରୁ ପାଣି ଆଣୁଛନ୍ତି । ମୁନ୍ଦେ ପିଇବା ପାଣି ମିଳୁ ନ ଥିବାରୁ ଶୁକ୍ରବାର ଗ୍ରାମବାସୀ ସମୂହ ନରସିଂହପୁର ବ୍ଲକ ଅଫିସ ସମ୍ମୁଖରେ ଗରା ବାଲ୍ଟି, ଡେକେଛି ଧରି ବିଡ଼ିଓଙ୍କ ଅଫିସ ସମ୍ମୁଖରେ ପ୍ରତିବାଦ କରିଛନ୍ତି । ପାଣି ନାହିଁ ତ ଭୋଟ ନାହିଁ ବୋଲି ନାରା ଦେଇଛନ୍ତି । ଏକଡାଳ କୈବର୍ତ୍ତ ସାହି ଗ୍ରାମର ଜୟନ୍ତୀ ବେହେରା, ଯଶୋଦା ଦେହୁରୀ, କୁମୁଦୁନୀ ଦେହୁରୀ, ଉଷା ଦଳେଇ, ସଞ୍ଜୁ ଦେହୁରୀ, ରମା ଦେହୁରୀ, ପ୍ରଦୀପ ବେହେରା, ଶିବ ଦେହୁରୀ, ବାବୁଲି ଦେହୁରୀ, ବିନ ଦେହୁରୀ, ସତ୍ୟ ଦେହୁରୀ, ଫକୀର ଦେହୁରୀ ପ୍ରମୁଖ ଗ୍ରାମବାସୀ ପ୍ରତିବାଦ କରି ଅଭିଯୋଗ ଜଣାଇଛନ୍ତି । ତୁରନ୍ତ ନରସିଂହପୁର ବିଡିଓ ନୀଳମାଧବ ସୁନା ଏକ ଟିମ ସହ ଯାଇ କୈବର୍ତ୍ତ ସାହିରେ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଏନେଇ ତୁରନ୍ତ ତ୍ୱରିତ ପଦକ୍ଷେପ ନିଆଯିବା ପାଇଁ ଗ୍ରାମ୍ୟ ପାନୀୟଜଳ ବିଭାଗର ଯନ୍ତ୍ରୀ ସୁରଜ ରଣାକୁ କହିଛନ୍ତି । ଆଗାମୀ ଦିନରେ ପାନୀୟ ଜଳ ଯୋଗାଇ ନ ଦେଲେ ରାସ୍ତା ଘେରାଉ ସହ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ ।

## ୨୯ରେ ନାମାଙ୍କନପତ୍ର ଦାଖଲ କରିବେ ରଣେନ୍ଦ୍ର

**ଦଳୀୟ କର୍ମୀ ଓ ଯୁବଗୋଷ୍ଠୀଙ୍କ ମଧ୍ୟରେ ଉତ୍ସାହ**



**ଟିଗିରିଆ,୨୬।୪(ସମିସ):** ସମ୍ମାନଜନକ ଆଠଗଡ ବିଧାନସଭା କ୍ଷେତ୍ରରୁ କ୍ରମାଗତ ଭାବେ ୭ ଥର ନିର୍ବାଚନ ଲଢି ବିଜୟ ଲାଭ କରି ରାଜ୍ୟ ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦରେ ମନ୍ତ୍ରୀ ରୂପେ ନିଜକୁ ପ୍ରତିପାଦିତ କରିଥିବା ବିଜୁ ଜନତା ଦଳର ହେଭୱେଟ ନେତା ତଥା କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ୮ମ ଥର ପାଇଁ ପୁନଃ ବିଧାୟକ ପ୍ରାର୍ଥୀଭାବେ ମନୋନୀତ ହେବା ପରେ ଚଳିତ ମାସ ୨୯ ତାରିଖରେ ନିଜର ନାମାଙ୍କନ ପତ୍ର ଦାଖଲ କରିବେ ବୋଲି ଦିନାଙ୍କ ସ୍ଥିର ହୋଇଛି । ଫଳରେ ଆଠଗଡ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆଠଗଡ ବ୍ଲକର ୩୪ ପଞ୍ଚାୟତ, ଟିଗିରିଆ ବ୍ଲକର ୧୪ ପଞ୍ଚାୟତ, ଟାଙ୍ଗୀ ଚୌଦ୍ୱାର ବ୍ଲକର ୬ ପଞ୍ଚାୟତ ସମେତ ଆଠଗଡ ଏନଏସିର ଅଗଣିତ ବିଜେଡି ନେତୃ ମଣ୍ଡଳୀ, ଦଳୀୟ କର୍ମୀ ତଥା ଯୁବଗୋଷ୍ଠୀଙ୍କ ମଧ୍ୟରେ ବିପୁଳ ଉତ୍ସାହ ଦେଖାଦେଇଛି । ଦଳୀୟ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଚଳିତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ୮ମ ଥର ପାଇଁ ଆଠଗଡ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ସୋମବାର ସକାଳ ୭ଟା ସମୟରେ ଶ୍ରୀ ସ୍ୱାଇଁ ଆଠଗଡର ଆରାଧ ପ୍ରଭୁ ଶ୍ରୀଧବଳେଶ୍ୱରଙ୍କ ପୀଠରେ ପୂଜାର୍ଚ୍ଚନା କରିବା ପରେ ସେଠାରୁ ଏକ ବିଶାଳ ମୋଟର ସାଇକଲ ର୍‌ୟାଲିରେ କଟକ-ଅନୁଗୁଳ ରାଜ୍ୟ ରାଜପଥର କୃଷ୍ଣଙ୍ଗିଛକସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରି ସେଠାରୁ ଖୁଣ୍ଟୁଣୀ, କୁଲେଇଲୋ ଦେଇ ଆଠଗଡ଼ସ୍ଥିତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନିଜର ନାମାଙ୍କନପତ୍ର ଦାଖଲ କରିବେ । ଏହି ନାମାଙ୍କନପତ୍ର ଦାଖଲ କାର୍ଯ୍ୟକ୍ରମରେ ଆଠଗଡ, ଟିଗିରିଆ ଓ ଟାଙ୍ଗି ଚୌଦ୍ୱାର ବ୍ଲକରୁ ପ୍ରାୟ ୩୦ ହଜାର ମୋଟର ସାଇକଲ ଯୋଗଦେବେ ବୋଲି ଏକ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି ।

## ଖୋଲା ଆକାଶ ତଳେ ଅସହାୟ ମହିଳା

**ସହାୟତା ବଢ଼ାଇଲା ମିଶନଶକ୍ତି ମହାସଂଘ**



**ନିଆଳି,୨୬।୪(ସମିସ):** ନିଆଳି ଥାନା ଅନ୍ତର୍ଗତ ମାଧବ ପଞ୍ଚାୟତ ତାମ୍ପଦା ରଘୁନାଥପୁର ଗାଁରେ କେହି ଦୁର୍ବୃତ୍ତ ଗତକାଲି ରାତିରେ ନିଆଁ ଲଗାଇ ନର୍ମଦା ମହନ୍ତଙ୍କ ଘର ପୋଡ଼ି ଦେଇଥିବା ବେଳେ ବର୍ତ୍ତମାନ ଭୂମିହୀନ ଅସହାୟ ନର୍ମଦା ଓ ତାଙ୍କ ଦୁଇ ପୁଅ ଖୋଲା ଆକାଶ ତଳେ ରହିଛନ୍ତି । ଗୁରୁବାର ଖବରପାଇ ନିଆଳି ବିଧାୟକ ପ୍ରଫେସର ପ୍ରମୋଦ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ୍ ମିଶନଶକ୍ତି ମହାସଂଘ ଉକ୍ତ ଅସହାୟ ପରିବାରକୁ ସହାୟତାର ହାତ ବଢ଼ାଇଛନ୍ତି । ନର୍ମଦା ଓ ତାଙ୍କର ଦୁଇ ପୁଅ ତାଙ୍କ ଚାଳ ଘରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲେ । ନିଆଁ ଲାଗିବା ଜାଣିପାରି ନର୍ମଦା ପଡ଼ୋଶୀଙ୍କୁ ଫୋନ୍ କରିବା ପରେ ଗ୍ରାମବାସୀଙ୍କ ସହଯୋଗରେ ନର୍ମଦା ଓ ତାଙ୍କର ଦୁଇ ପୁଅ ସୁରକ୍ଷିତ ଭାବେ ଉଦ୍ଧାର ପାଇଥିଲେ ମଧ ଘରର ସମସ୍ତ ଆସବାବପତ୍ର ଜଳି ନଷ୍ଟ ହୋଇଯାଇଥିଲା । ବିଧାୟକଙ୍କ ନିର୍ଦ୍ଦେଶକ୍ରମେ ନିଆଳି ମିଶନଶକ୍ତି ମହାସଂଘର ସମ୍ପାଦିକା ସତ୍ୟସ୍ମିତା ପାଣି ଓ ତାଙ୍କ ଟିମ୍ ନର୍ମଦାଙ୍କ ଘରେ ପହଞ୍ଚି ଘଟଣାସ୍ଥଳ ପରିଦର୍ଶନ କରିବା ସହ ତାଙ୍କୁ ସହାୟତାର ହାତ ବଢ଼ାଇଛନ୍ତି । ତାଙ୍କ ପରିବାରର ଭରଣପୋଷଣ ଓ ସୁରକ୍ଷା ପାଇଁ ତତ୍‌କାଳ ପଦକ୍ଷେପ ନେଇଥିବା ବେଳେ ବାସହୀନ ଏହି ପରିବାରକୁ ସାମୟିକ ଭାବେ ମିଶନ ଶକ୍ତି କାଫେରେ ରଖାଯିବା ସହ ଦୁଇ ପିଲାଙ୍କର ପାଠପଢ଼ା ଖର୍ଚ୍ଚ ବହନ କରିବା ପାଇଁ ମିଶନଶକ୍ତି ମହାସଂଘ ନିଷ୍ପତ୍ତି ନେଇଛି ।

## ରାହୁଲ ଗାନ୍ଧୀଙ୍କ ସାଲେପୁର ଗସ୍ତ ନେଇ କଂଗ୍ରେସ ଚଳଚଞ୍ଚଳ



**ସାଲେପୁର,୨୬।୪(ସମିସ):** ଆସନ୍ତା ୨୮ ତାରିଖ ଓଡ଼ିଶାର ଗୌରବ ମଧୁବାବୁଙ୍କ ଜୟନ୍ତୀ ଅବସରରେ ଅଖିଳ ଭାରତ କଂଗ୍ରେସ କମିଟିର ପୂର୍ବତନ ସଭାପତି ରାହୁଲ ଗାନ୍ଧୀଙ୍କ ସାଲେପୁର ଗସ୍ତ ନେଇ ସାଲେପୁର କଂଗ୍ରେସ କମିଟି ଚଳଚଞ୍ଚଳ ହୋଇଉଠିଛି । ଶ୍ରୀ ଗାନ୍ଧୀ ପ୍ରଥମେ ହେଲିକପ୍ଟର ଯୋଗେ ଉକ୍ରଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମସ୍ଥାନ ସତ୍ୟଭାମାପୁରରେ ପହଞ୍ଚି ସେଠାରେ ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପରେ କୁଲିଆ ପଡ଼ିଆଠାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏନେଇ ଆଜି କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତି ମାନସ ଚୌଧୁରୀ, ସାଲେପୁର ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ଇଂ. ଆକ୍ୟୁବ୍ ଉଜମାନ୍ ଖାଁ, ମାହାଙ୍ଗା ପ୍ରାର୍ଥୀ ଦେବେନ୍ଦ୍ର କୁମାର ସାହୁ, ପାଟକୁରା ବିଧାନସଭା ପ୍ରାର୍ଥୀ ରତିକାନ୍ତ କାନୁନଗୋ, ନିଆଳି ବିଧାନସଭା ପ୍ରାର୍ଥୀ ଆଲୋକ ମଲ୍ଲିକ, କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ସିଦ୍ଧାର୍ଥ ସ୍ୱରୂପ ଦାଶଙ୍କ ସମେତ ରାଜ୍ୟ ଓ ଜିଲ୍ଲାସ୍ତରର ବହୁ ନେତା କୁଲିଆ ପଡ଼ିଆଠାରେ ହେବାକୁ ଥିବା ସାଧାରଣ ସଭାସ୍ଥଳ ବୁଲି ଦେଖିବା ସହ ରାହୁଲ ଗାନ୍ଧି ସାଲେପୁରରେ ରୋଡ୍ ଶୋ କରିବେ କି ନ କରିବେ, ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ । ଶ୍ରୀ ଗାନ୍ଧୀ ପ୍ରଥମେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ହେଲିକପ୍ଟର ଯୋଗେ ମଧୁବାବୁଙ୍କ ଜନ୍ମସ୍ଥାନରେ ପହଞ୍ଚି ସେଠାରେ ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପରେ ନିଶ୍ଚିନ୍ତକୋଇଲି ବ୍ଲକ୍ କୋଲଣପୁର ପଞ୍ଚାୟତର କୁଳିଆ ପଡ଼ିଆରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଯୋଗଦେଇ କଂଗ୍ରେସ କର୍ମୀଙ୍କୁ ବିଜୟର ଗୁରୁମନ୍ତ୍ର ଦେବେ । ଏହି ସାଧାରଣ ସଭାରେ ପ୍ରାୟ ୧ଲକ୍ଷରୁ ଉଦ୍ଧ୍ୱର୍ ଲୋକ ଯୋଗଦେବା ପାଇଁ ରାଜ୍ୟ କଂଗ୍ରେସ କମିଟି ଯୋଜନା କରିଥିବା କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତି ମାନସ ଚୌଧୁରୀ ପ୍ରକାଶ କରିଛନ୍ତି ।

## ବିଲଚଣ୍ଡୀ ଠାକୁରାଣୀ ପୀଠରେ ଶ୍ରୀରାମ ପାରାୟଣ



**ମାହାଙ୍ଗା,୨୬।୪(ସମିସ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଆନନ୍ଦପୁର ପଞ୍ଚାୟତ ଖର୍ଡାଙ୍ଗସ୍ଥିତ ମା’ ବିଲ ଚଣ୍ଡୀ ଠାକୁରାଣୀ ପୀଠରେ ନବ ଦିନ ବ୍ୟାପୀ ଶ୍ରୀରାମାୟଣ ପାରାୟଣ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, ଗୋପୂଜା, କଳସ ଯାତ୍ରା ଓ ପୂର୍ଣ୍ଣାହୁତି ଆଦି କାର୍ଯ୍ୟକ୍ରମ ଯଥାରୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ କର୍ତ୍ତା ଭାବେ ପୂର୍ଣ୍ଣଚନ୍ଦ୍ର ପୁହାଣ, କର୍ତ୍ତୀଭାବେ ଶାନ୍ତିଲତା ପୁହାଣ ପୂଜା କାର୍ଯ୍ୟରେ ବସିଥିବାବେଳେ ପୂଜକ ଭାବେ ବରିଷ୍ଠ ପଣ୍ଡିତ ଶରତ ଷଡ଼ଙ୍ଗୀ ପୂଜା କାର୍ଯ୍ୟ ସଂପାଦନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଦେବେନ୍ଦ୍ର ଲେଙ୍କା, ଜିତେନ୍ଦ୍ର ପୁହାଣ, ଜଳଧର ପରିଡା, ଶ୍ୟାମସୁନ୍ଦର ସ୍ୱାଇଁ, ଶତ୍ରୁଘ୍ନ ବିଶ୍ୱାଳ, ରମେଶଚନ୍ଦ୍ର ବିଶ୍ୱାଳ, ବୈକୁଣ୍ଠ ସ୍ୱାଇଁ, ବିଚିତ୍ର ନାୟକ, ସନାତନ ବିଶ୍ୱାଳ, ଆର୍ତ୍ତତ୍ରାଣ ବିଶ୍ୱାଳ, ଡମ୍ବରୁଧର ଜେନା, ପ୍ରତାପ ବିଶ୍ୱାଳ, ବୀରକିଶୋର ପଲେଇ, ଶରତ ବାରିକ, ତାରିଣୀ ପ୍ରସାଦ ପୁହାଣ, ନିରଞ୍ଜନ ବିଶ୍ୱାଳ, ରାମଚନ୍ଦ୍ର ପରିଡା, ଭାଗ୍ୟଧର ବାରିକ, ବାଉରୀବନ୍ଧୁ ଲେଙ୍କା, ବାବୁଲି ବିଶ୍ୱାଳ, ନାରାୟଣ ବିଶ୍ୱାଳ, ସୁବାଷ ବାରିକ, ଭ୍ରମରବର ଖଟୁଆ, ଅକ୍ଷୟ ସ୍ୱାଇଁଙ୍କ ସମେତ ସମସ୍ତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସନ୍ଧ୍ୟାରେ ଭଜନ କୀର୍ତ୍ତନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ ସମସ୍ତ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା ।

## ସୁକରପଡ଼ାରେ ସ୍ୱାଧୀନ ପ୍ରାର୍ଥୀଙ୍କ ବନ୍ଧୁମିଳନ



**ନିଶ୍ଚିନ୍ତକୋଇଲି,୨୬।୪(ସମିସ):** ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ ସୁକରପଡ଼ା ପଞ୍ଚାୟତର ମୁସଲମାନ ଭାଇମାନଙ୍କ ସହିତ ସ୍ୱାଧୀନ ପ୍ରାର୍ଥୀ ଶାରଦା ପ୍ରଧାନଙ୍କର ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଛି । ମିର୍ଜା ଆଲାଉଦ୍ଦିନଙ୍କ ସଭାପତିତ୍ୱ ଏବଂ ୨୬ନଂ ମଣ୍ଡଳ ସଭାପତି କୈଳାସ ବେହେରାଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ ଶାରଦା ପ୍ରଧାନ ଯୋଗଦେଇ ମୁସଲମାନ ଭାଇମାନଙ୍କର ବିଭିନ୍ନ ସମସ୍ୟା ସମାଧାନ କରିବା ପାଇଁ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ପ୍ରମୁଖ ସୁବାସଚନ୍ଦ୍ର ସ୍ୱାଇଁ, ସେକ୍ ଫୟାଜ, ସେକ୍ କରିମ୍, ମିର୍ଜା ସରଫୁଉଦ୍ଦିନ୍, ସୌକତ ଖାଁ, ମିର୍ଜା ନିଜାମୁଦ୍ଦିନ୍, ନୁରୁ ଉଦ୍ଦିନ୍ ଖାଁ, ଅବଦୁଲ ଖାଁ, ଜୟନୁର ଖାଁ, ସେକ୍ ଯୋଗା, ମୀର କାସିମୁଦ୍ଦିନ୍, ମିର୍ଜା କରିମଙ୍କ ସମେତ ଶହ ଶହ ସଂଖ୍ୟାରେ ମୁରବୀ ଓ ଯୁବକ ସ୍ୱାଧୀନ ପ୍ରାର୍ଥୀଙ୍କୁ ବିପୁଳ ସମର୍ଥନ ଜଣାଇବେ ବୋଲି ଆଲ୍ଲାଙ୍କ ନିକଟରେ କାମନା କରିଥିଲେ ।

## ୫ ଗାଡ଼ି ସହ ୩୨ ଗୋରୁ ଉଦ୍ଧାର

**ନିଶ୍ଚିନ୍ତକୋଇଲି,୨୬।୪(ସମିସ):** ନିଶ୍ଚିନ୍ତକୋଇଲି ଥାନା ପୁଲିସ ସୁକରପଡ଼ା ଠାରେ ବିଳମ୍ବିତ ରାତିରେ ଗୋଚାଲାଣ ହେଉଥିଲା ବେଳେ ଚଢଉ କରିଛି । ଗାଡ଼ିରେ ଭର୍ତ୍ତି ହୋଇଥିବା ୧୮ ଟି ଗୋରୁଙ୍କୁ ଜବତ କରି ଛତିଆ ନିକଟସ୍ଥ ବୈରୀ ଗୋଶାଳାକୁ ସୁରକ୍ଷା ପାଇଁ ପଠାଇଥିଲା ବେଳେ ଚାଲାଣ ପାଇଁ ବାହାରେ ବନ୍ଧା ଯାଇଥିବା ୧୪ଟି ଗୋରୁ ଗାଈଙ୍କୁ ଲୋକଙ୍କ ଜିମା ଦେଇଛି । ଏହି ଗୋଚାଲାଣରେ ବ୍ୟବହାର ହୋଇଥିବା ଦୁଇଟି କଣ୍ଟେନର ଓ ୫ଟି ପିକଅପ୍‌ଭ୍ୟାନକୁ ଜବତ କରାଯାଇ ଥାନାରେ ରଖାଯାଇଛି । ଗୋଚାଲାଣ କରୁଥିବା କମାଲୁଦ୍ଦିନ୍ ଖାଁ(ମୋତି), ତଜୁମୁଦ୍ଦିନ୍ ଖାଁ(ଟାନୁ), ଗିୟାସୁଦ୍ଦିନ୍ ଖାଁ(ଟୁକୁ) ଓ ସେମାନଙ୍କ ସହଯୋଗୀଙ୍କ ନାମରେ ମାମଲା ରୁଜୁ ହୋଇଥିବା ଆଇଆଇସି ଯୁଗଳକିଶୋର ଦାସ ପ୍ରକାଶ କରିଛନ୍ତି । ପ୍ରତ୍ୟେକ ଦିନ ଏଠାରୁ ଶହଶହ ଗୋରୁଗାଈ ଚୋରାରେ ଚାଲାଣ କରାଯାଉଥିଲା ବେଳେ ଖବରପାଇ ଗୁରୁବାର ପୁଲିସ ଏଭଳି ପଦକ୍ଷେପ ନେଇଛି ।

## ବଦାନ୍ୟ ବ୍ୟକ୍ତିଙ୍କ ଦ୍ୱାରା ଉଜ୍ୱଳ ଆଲୋକ ବ୍ୟବସ୍ଥା

**କିଶନନଗର,୨୬।୪(ସମିସ):** କିଶନନଗର ଥାନା ଅନ୍ତର୍ଗତ କମରପଦା ତାଳଦଣ୍ଡା ପୋଲ ନିକଟରେ ଉଜ୍ୱଳ ଆଲୋକର ବ୍ୟବସ୍ଥା କିଛି ବଦାନ୍ୟ ବ୍ୟକ୍ତିଙ୍କ ଅକୁଣ୍ଠ ସାହାଯ୍ୟରେ କରାଯାଇଛି । ଏବେ ଏହି ଆଲୋକ ସରକାରୀ ଅନୁଦାନରେ ଲଗାଯାଇ ନିର୍ବାଚନ ଆଚରଣ ବିଧିର ଉଲ୍ଲଙ୍ଘନ ବୋଲି ମିଥ୍ୟା ଅଭିଯୋଗ ଆଣିବା ଘଟଣାକୁ ଧରିଣା ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ପ୍ରଶାନ୍ତ କୁମାର ପ୍ରଧାନ ନିନ୍ଦା କରିଛନ୍ତି । ୬ ମାସ ତଳେ ନିର୍ମିତ ପୋଲଟି ଏକ ଶ୍ମଶାନ ନିକଟରେ ରହିଛି । ତେଣୁ ବିଳମ୍ବିତ ରାତ୍ରିରେ ଲୋକମାନେ କୌଣସି ଶବ୍ଦ ଶୁଣି ଭୟଭୀତ ହେଉଥିଲେ । ଏକଥା ସ୍ଥାନୀୟ ସରପଞ୍ଚ ରତ୍ନାକର ରାଉତ ଜାଣିବା ପରେ ବଦାନ୍ୟ ବ୍ୟକ୍ତିଙ୍କ ସହ କଥା ହୋଇଥିଲେ । ଶେଷରେ ସେମାନଙ୍କ ସହାୟତା ମିଳିବା ପରେ ଆଲୋକ ଲାଗିପାରିଲା ବୋଲି ପୂର୍ବତନ ସମିତିସଭ୍ୟ ଶ୍ରୀ ପ୍ରଧାନ ଜଣାଇଛନ୍ତି ।

## ବିଜେପି କର୍ମକର୍ତ୍ତା ସମ୍ମିଳନୀ



**ବାଙ୍କୀ,୨୬।୪(ସମିସ):** ବାଙ୍କୀ ନଗର ବିଜେପି ଦଳ ପକ୍ଷରୁ ରତକା ମାର୍କେଟ ଠାରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ପୂର୍ବତନ ନଗର ବିଜେପି ସଭାପତି ସଞ୍ଜୟ ରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କର୍ମୀ ସମ୍ମିଳନୀରେ ବରିଷ୍ଠ ବିଜେପି ନେତା ସରୋଜ କୁମାର ସାମନ୍ତରାୟ ସଭାପତିତ୍ୱ କରିଥିଲେ । ବାଙ୍କୀ ନିର୍ବାଚନମଣ୍ଡଳୀ ବିଜେପି ପାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଆସନ୍ତା ନିର୍ବାଚନରେ ବିଜେପି ଦଳ କିପରି ବିଜୟ ହାସଲ କରିବ ସେ ସମ୍ପର୍କରେ କାର୍ଯ୍ୟ କରିବା ପାଇଁ କର୍ମୀଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ । ଏଥିରେ ବରିଷ୍ଠ ବିଜେପି ନେତା କୃଷ୍ଣ ବେହେରା, ବାପି ସାମଲ, ଦୀପକ ମହାପାତ୍ର, ଜିତୁ ସାହୁ, ଅଶୋକ ରାଜ, ସୁଷମା ଦଳେଇ, ରଘୁନାଥ ଦଳେଇ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଏହି ବୈଠକରେ ରଞ୍ଜିତ ଭୋଇ, ଗୋଖା ବେହେରା, ସୁଧିର ଧଳ, ବିଜୟ ରଣା, ଅଶୋକ ରାଜ, ରାଜେନ୍ଦ୍ର ସୁବୁଦ୍ଧି, ରଘୁନାଥ ଦଳେଇଙ୍କ ସମେତ ଶତାଧିକ ବ୍ୟକ୍ତି ଏହି ବୈଠକରେ ଯୋଗଦେଇ ବିଜେପି ଦଳରେ ଯୋଗାଦାନ କରିଛନ୍ତି । ସମସ୍ତଙ୍କୁ ଶ୍ରୀ ଚକ୍ରବର୍ତ୍ତୀ ବିଜେପି ଦଳର ଉତ୍ତରୀୟ ପ୍ରଦାନ କରି ସମସ୍ତଙ୍କୁ ସ୍ୱାଗତ କରିଥିଲେ ।

## ଛାଣିପୁରରେ କଂଗ୍ରେସର କର୍ମୀ ସମ୍ମିଳନୀ



**ସାଲେପୁର,୨୬।୪(ସମିସ):** ସାଲେପୁର କଂଗ୍ରେସ କମିଟି ପକ୍ଷରୁ ଛାଣିପୁର ପଞ୍ଚାୟତରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାଲେପୁର କଂଗ୍ରେସ ନେତା ତଥା କଂଗ୍ରେସ ଦଳର ବିଧାୟକ ପ୍ରାର୍ଥୀ ଇଂ.ଆକ୍ୟୁବ୍ ଉଜ୍‌ମାନ୍ ଖାଁ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱତଃସ୍ଫୂର୍ତ୍ତ ଭାବେ ଅନ୍ୟ ଦଳ ପରିତ୍ୟାଗ କରି କଂଗ୍ରେସ ଦଳରେ ସାମିଲ ହୋଇଥିବା କର୍ମୀମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିବା ସହ କଂଗ୍ରେସ ଦଳ ପାଇଁ ନିଷ୍ଠାପର ଭାବେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ । ଛାଣିପୁର ପଞ୍ଚାୟତ କଂଗ୍ରେସ କମିଟି ସଭାପତି ଦେବେନ୍ଦ୍ର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ୍ କଂଗ୍ରେସ କମିଟି ସଭାପତି ବେଣୁଧର ପ୍ରଧାନ, ଛାତ୍ର କଂଗ୍ରେସ ସଭାପତି ସୟଦ ଫରମାନ୍ ଅତିକ୍, ସଫିଉଲ୍ ଆଲାମ, ସେକ୍ ଅନୱାର ଅଲ୍ଲୀ, ଦିବାକର ବେହେରା, ରୂପକ ଭୂୟାଁ, ଅର୍ଜୁଲ ଇସଲାମ, ସେକ୍ ରାଜା, ସେକ୍ ଓସୁଉଲ୍ଲା ପ୍ରମୁଖ କଂଗ୍ରେସ ନେତା ଉପସ୍ଥିତ ଥିବାବେଳେ ମୁସ୍ତାକିମ୍ ଖାଁଙ୍କ ନେତୃତ୍ୱରେ ଛାଣିପୁର ପଞ୍ଚାୟତର ଶତାଧିକ ଅନ୍ୟ ଦଳର କର୍ମୀ କଂଗ୍ରେସ ଦଳରେ ସାମିଲ ହୋଇଥିଲେ ।

## ବାବା ସତ୍ୟସାଇଙ୍କ ଆରାଧନା ମହୋତ୍ସବ

**ବଡମ୍ବା,୨୬।୪(ସମିସ):** ବଡମ୍ବା କଚେରୀ ନିକଟସ୍ଥ ବାବା ସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ବୁଧବାର ବାବା ସତ୍ୟସାଇ ଆରାଧନା ମହୋତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରାତଃ କାଳରୁ ଓମକାର, ବେଦପାଠ, ନଗର ସଂକୀର୍ତ୍ତନ କରାଯାଇଥିଲା । ସମିତି କାର୍ଯ୍ୟାଳୟରେ ପ୍ରଶାନ୍ତି ଧ୍ୱଜା ଉତ୍ତୋଳନ, ଷୋଡଶ ଉପଚାର ପୂଜା, ନାରାୟଣ ସେବା ହୋଇଥିଲା । ସନ୍ଧ୍ୟାରେ ସମିତି ଆବାହକ ମୃତ୍ୟୁଞ୍ଜୟ ମହାନ୍ତି ତତ୍ତ୍ୱାବଧାନରେ ଭଜନ ସର୍ବଧର୍ମ ପ୍ରାର୍ଥନା, ସତସଙ୍ଗ କାର୍ଯ୍ୟକ୍ରମ ହୋଇଥିଲା । ପ୍ରାଣଯୋଗ ପ୍ରତିଷ୍ଠାନର ଅଧ୍ୟକ୍ଷ ଚନ୍ଦ୍ରଶେଖର ମହାନ୍ତି ବାବା ସାଇଙ୍କ ମାର୍ଗଦର୍ଶନ ଉପରେ ଆଲୋକପାତ କରିଥିଲେ । ସାଇ ଆଶ୍ରିତ ପ୍ରବୀଣା ମହାନ୍ତି, ସମିତିସଦସ୍ୟ ରବୀନ୍ଦ୍ର ସାହୁ, ମନୋଜ ମହାପାତ୍ର, ରାମକୃଷ୍ଣ ମହାରଣା, ତ୍ରିଲୋଚନ ରଣା, ଗୋବିନ୍ଦ ବସନ୍ତର, କୃଷ୍ଣଚନ୍ଦ୍ର ତରସିଆ, ବିଜୟ ବରାଳ, ଶଙ୍କର୍ଷଣ ମହାନ୍ତି, ସଦସ୍ୟା ରଶ୍ମିତା ଗୋଛି, ସଂଘମିତ୍ରା ଆସ, ମଧୁସ୍ମିତା ବସନ୍ତର, ମିନାକ୍ଷୀ ମହାନ୍ତି, ସୁଷମା ମହାଳିକ ସହଯୋଗ କରିଥିଲେ ।

## ରୋଧପୁର ଶାରଳା ମେଳା ମହୋତ୍ସବ: ଆକର୍ଷଣରେ କଲିକତାର ଅଘୋରୀ ନୃତ୍ୟ




**ସାଲେପୁର,୨୬।୪(ସମିସ):** ପ୍ରତିବର୍ଷ ଭଳି ଚଳିତ ବର୍ଷ ରୋଧପୁର ପୀଠରେ ସିଂହବାହିନୀ ମା’ଶାରଳାଙ୍କ ବାର୍ଷିକ ମେଳା ମହୋତ୍ସବ ଅବସରରେ ଅନୁଷ୍ଠିତ କଳସ ଶୋଭାଯାତ୍ରାରେ ମୁଖ୍ୟ ଆକର୍ଷଣ ପାଲଟିଥିଲା ଅଘୋରୀ ନୃତ୍ୟ । ପ୍ରଥମ ଥର ପାଇଁ ସାଲେପୁର ଅଞ୍ଚଳରେ ଅଘୋରୀ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାରୁ ଏହି ଶୋଭାଯାତ୍ରାକୁ ଦେଖିବା ପାଇଁ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହୋଇଥିଲା । ଅଘୋରୀ ବେଶଧାରୀ କଳାକାରମାନେ ମସ୍ତକରୁ ନିଆଁ ବାହାର କରିବା ସହ ଚିତାଭସ୍ମରେ ନିଜର କଳାଶୈଳୀକୁ ଜୀବନ୍ତ ଆକର୍ଷଣୀୟ କରିଥିଲେ । ଏହି ଶୋଭାଯାତ୍ରା ରୋଧପୁର ମା’ଶାରଳା ପୀଠରୁ ବାହାରି ସାଲେପୁର ବଜାର ପରିକ୍ରମା କରି ସାହେଶ୍ୱରୀ ମନ୍ଦିର ଦେଇ ଚିତ୍ରୋପ୍ତଳା ଗୁପ୍ତଗଙ୍ଗାରେ କଳସ ପୂଜା ନୀତି ଅନୁଷ୍ଠିତ ହେଲା ପରେ ଉତ୍ତର ବଟେଶ୍ୱର ଓ ରୋଧପୁର ଗ୍ରାମ ଦେଇ ମା’ଙ୍କ ଘଟ କଳସ ମନ୍ଦିର ପରିସରରେ ପହଞ୍ଚିଥିଲା । ସେଠାରେ ମା’ଙ୍କ ଘଟ ପହଞ୍ଚିବା ପରେ ମା’ଙ୍କ ମେଳା ଆରମ୍ଭ ହୋଇଥିଲା । ଏହି ଶୋଭାଯାତ୍ରାରେ ପୁରୀର ଦଶ ଅବତାର ନୃତ୍ୟ, ଦେବଦାସୀ ନୃତ୍ୟ, ଢ଼େଙ୍କାନାଳର ଘଣ୍ଟ, ପଶ୍ଚିମବଙ୍ଗର ଅଘୋରୀ ନୃତ୍ୟ ମୁଖ୍ୟ ଆକର୍ଷଣ ପାଲଟିଥିଲା । ଏହି କଳସ ଶୋଭାଯାତ୍ରାକୁ ଅନୁଷ୍ଠାନର ଜୟନ୍ତ କୁମାର ଦାସ, ଉପେନ୍ଦ୍ର ନାଥ ଦାଶ, ଜୀବନଜ୍ୟୋତି ଦାସ, ସଂଜୟ ନାୟକ, ମନ୍ମଥ ଦାସ, ବିନୋଦ ସାମଲ, ମନୋରଂଜନ ସାମଲ, ସାମ୍ବାଦିକ ହୃଷୀକେଶ ମଲିକ, ଅକ୍ଷୟ କୁମାର ଦାଶ, ପ୍ରତ୍ୟୁଷ ମହାନ୍ତି, ହେମନ୍ତ ଭୂୟାଁ, ପ୍ରଶାନ୍ତ ସାମଲ, ଅରବିନ୍ଦ ଭୂୟାଁ, ତାରାକାନ୍ତ ନାୟକ, ସୁଜିତ୍ ଭୂୟାଁ, ମନୋଜ କୁମାର ସାମଲ, ରଂଜନ କୁମାର ସାମଲ, ସୁକନ ଦାସ, ସୁରେଶ କାଣ୍ଡି, ଶିଶିର କାଣ୍ଡିଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଆନନ୍ଦ ବଜାରରେ ପ୍ରାୟ ୧୦ହଜାର ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ସନ୍ଧ୍ୟାରେ ଓଡ଼ିଶାର ସୁନାମଧନ୍ୟ ଭଜନ ଗାୟକ ପଙ୍କଜ ଜାଲ୍, ମାନସୀ ପାତ୍ରଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା ।

## ଦ୍ୱାଦଶ ବିରୂପା ମହୋତ୍ସବ ଉଦ୍‌ଘାଟିତ



**ସାଲେପୁର,୨୬।୪(ସମିସ):** ପ୍ରତିବର୍ଷ ଭଳି ଚଳିତବର୍ଷ ଗୋପୀନାଥପୁର ହରିଡ଼ାପଡ଼ିଆଠାରେ ଆଞ୍ଚଳିକ ସାମାଜିକ ଓ ସାଂସ୍କୃତିକ ଉନ୍ନୟନ ଟ୍ରଷ୍ଟ ଓ ବିଜୟାନନ୍ଦ ଯୁବ ପରିଷଦ ଦ୍ୱାରା ଆୟୋଜିତ ଦ୍ୱାଦଶ ବିରୂପା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ ମହୋତ୍ସବକୁ ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ଆୟୋଗର ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ପ୍ରମଥ ପଟ୍ଟନାୟକ ଯୋଗଦେଇ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିବା ସହିତ ମୁଖ୍ୟଅତିଥି ଭାବରେ ଯୋଗଦେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ମଧୁବାବୁଙ୍କ ଉତ୍ସର୍ଗୀକୃତ ତ୍ୟାଗ ଓ ବଳିଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବରେ ଟେଟ୍ରାହେଡ୍ରେନ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ଅଧ୍ୟକ୍ଷ ଡ. ତ୍ରିଦେବ ବେହେରା ଯୋଗଦେଇ ମଧୁବାବୁଙ୍କ ଓଡ଼ିଆ ଜାତି ପ୍ରତି ଥିବା ଉତ୍ସର୍ଗୀକୃତ ତ୍ୟାଗ ସମ୍ପର୍କରେ ବର୍ଣ୍ଣନା କରିବା ସହ ଆୟୋଜକ କମିଟିକୁ ସାଧୁବାଦ ଜଣାଇଥିଲେ । ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନ ତରଫରୁ ଡ.ସସ୍ମିତା ପଟ୍ଟନାୟକଙ୍କୁ ‘ବିରୂପା ସ୍ୱୟଂସିଦ୍ଧା ସମ୍ମାନ’ରେ ସମ୍ମାନିତ କରାଯାଇଥିଲା । ଏହି ସନ୍ଧ୍ୟାକୁ ବିରୂପା ମହୋତ୍ସବ କମିଟିର ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ସଭାପତିତ୍ୱ କରିଥିବା ବେଳେ, ସମ୍ପାଦକ ବିଶ୍ୱରଞ୍ଜନ ସାହୁ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ । ସହସମ୍ପାଦକ ସୁରେଶ କୁମାର ରାଉତ ଧନ୍ୟବାଦ ଦେଇଥିଲେ । ପ୍ରଥମ ସନ୍ଧ୍ୟା ମଞ୍ଚରେ ସାଇ ସଙ୍ଗୀତ ନୁପୂର ଏକାଡେମୀ, ମା’ ବିଣାକେଶରୀ ନୃତ୍ୟ ମନ୍ଦିର ପିପିଲର ସମ୍ବଲପୁରୀ ଏବଂ ଚଇତିପର୍ବ ନୃତ୍ୟ ଓ ତ୍ରିନେତ୍ର କଳାକୁଞ୍ଜର ଗଣେଶ ବନ୍ଦନା ନୃତ୍ୟ ପରିବେଷଣ କରାଯାଇଥିଲା । ଏହି ଅବସରରେ ସିଦ୍ଧାର୍ଥ ଟିଭିର ମେଗା ଧାରାବାହିକ ‘ମାୟା ଓ ମମତା’ର ସମସ୍ତ କଳାକାର ଦର୍ଶକଙ୍କ ମନୋରଞ୍ଜନ କରିଥିଲେ । ଅନୁଷ୍ଠାନ ତରଫରୁ ପ୍ରଶାନ୍ତ କର, ଶ୍ରୀକାନ୍ତ ସାମଲ, ଅଜୟ ଲେଙ୍କା, ପ୍ରଶାନ୍ତ ଭୂୟାଁ, ରମେଶ ଲେଙ୍କା, ଦେବେନ୍ଦ୍ରନାଥ ସ୍ୱାଇଁ, ଜ୍ୟୋତିରଞ୍ଜନ ରାଉତ, ବନମାଳି ପ୍ରଧାନଙ୍କ ସମେତ ବିଜୟାନନ୍ଦ ଯୁବ ପରିଷଦର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।





ମହାନଗର ନିଗମ ୯ ଓ ୧୦ ନଂ ୱାର୍ଡରେ ଆୟୋଜିତ ବିଜେଡି କର୍ମୀ ସମ୍ମିଳନୀରେ କଟକ ସାଂସଦ ପ୍ରାର୍ଥୀ ଡ. ସଂତୃପ୍ତ ମିଶ୍ର ଓ ବିଧାୟକ ପ୍ରାର୍ଥୀ ପ୍ରକାଶଚନ୍ଦ୍ର ବେହେରା।

# ବିଜେଡିର ମହିଳା ନିର୍ବାଚନୀ ସଭା



**ଚୌଦ୍ୱାର, ୨୬।୪(ସମିସ):** ବିଜୁ ମହିଳା ଜନତା ଦଳ ପକ୍ଷରୁ ଏକ ପ୍ରାକ୍ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ମହିଳା ସଭାନେତ୍ରୀ କବିତାରାଣୀ ଲେଙ୍କାଙ୍କ ନେତୃତ୍ୱରେ ସ୍ଥାନୀୟ କଳା ପ୍ରାକାଶିନୀ କ୍ଲବ ପରିସରରେ ଆୟୋଜିତ ଏହି ସଭାରେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲକ୍ଷ୍ମୀ ବିଳାଶିନୀ ବିଶ୍ୱାଳ ଅତିଥିଭାବେ ଯୋଗଦେଇ ମହିଳାଙ୍କୁ ସଶକ୍ତିକରଣ କରିବାରେ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଆଲୋଚନା କରିବା ସହିତ ମହିଳାଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳର ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ର ଓ ବିଧାୟକ ପ୍ରାର୍ଥୀ ସୌଭିକ୍ ବିଶ୍ୱାଳଙ୍କୁ ବିପୁଳ ଜନ ସମର୍ଥନ ଦେଇ ବିଜୟୀ କରିବାକୁ ସମସ୍ତ ମହିଳା ଏକ ମନ ହୋଇ କାମ କରିବାକୁ ଆହ୍ୱାନ ଦେଇଥିଲେ। ସଭାନେତ୍ରୀ ସୁଭଦ୍ରା ଦାସ, ସବିତା ନାୟକ, କଲ୍ୟାଣୀ ସାହୁ, ମୀନତି ଚୌଧୁରୀ, ଛାତ୍ର ନେତା ଭରତ ଚନ୍ଦ୍ର ସାହୁଙ୍କ ସମେତ ଶତାଧିକ ମହିଳା ଯୋଗଦେଇଥିଲେ। ଏହି ଅବସରରେ ପୌରପାଳିକା ୩ନଂ ୱାର୍ଡର ବହୁ ମହିଳା ବିଜେପି ଦଳ ଛାଡି ବିଜୁ ଜନତା ଦଳରେ ସାମିଲ ହୋଇଥିବା ଏବଂ ସେମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିଜେଡିର ଘରେ ଘରେ ନିର୍ବାଚନୀ ପ୍ରଚାର



**ଟାଙ୍ଗୀ, ୨୬।୪(ସମିସ):** ସାଲେପୁର ନିର୍ବାଚନମଣ୍ଡଳୀର ଟାଙ୍ଗୀ ଅଞ୍ଚଳର ୧୩ଟି ପଞ୍ଚାୟତରେ ବିଜେଡିର ଜୋରଦାର ପ୍ରଚାର ଦେଖିବାକୁ ମିଳିଛି। ଏହିକ୍ରମରେ ଟାଙ୍ଗୀ ଚୌଦ୍ୱାର ବ୍ଲକ ହରିଅନ୍ତା ପଞ୍ଚାୟତ ତନ୍ତିରା ଗ୍ରାମରେ ପଞ୍ଚାୟତ ବିଜେଡି ସଭାପତି ନରେନ୍ଦ୍ର କୁମାର ରାଉତରାୟଙ୍କ ନେତୃତ୍ୱରେ ଘରେ ଘରେ ନିର୍ବାଚନ ପ୍ରଚାର ଓ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ବେହେରା ଓ ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କୁ ବିଜୟ ଲାଭ କରିବା ପାଇଁ ଆହ୍ୱାନ କରାଯାଇଥିଲା। ଏଥିରେ ପଞ୍ଚାୟତ ନାଏବ ସରପଞ୍ଚ ସୋଫିଆ ବିବି, ମିଶନଶକ୍ତି ପଞ୍ଚାୟତ ସମ୍ପାଦକ ନମିତା ସାହୁ, ଗୋଲଖ ବିହାରୀ ମହାନ୍ତି, ଶରତଚନ୍ଦ୍ର ନାୟକ ଓ ପଞ୍ଚାୟତ ବରିଷ୍ଠ ବିଜେଡି କର୍ମୀ ଯୋଗଦାନ କରିଥିବା ବେଳେ ଯୁବ ସଂଗଠକ ଗୋପାଳ ଲେଙ୍କା ସହଯୋଗ କରିଥିଲେ।

# ୩୫ ନଂ ୱାର୍ଡରେ ବିଜେଡି ପ୍ରସ୍ତୁତି ବୈଠକ



**କଟକ, ୨୬।୪(ସମିସ):** ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀ ଅଧୀନସ୍ଥ ୩୫ନମ୍ବର ୱାର୍ଡରେ ପ୍ରାକ୍ ନିର୍ବାଚନୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୱାର୍ଡ ସଭାପତି ପବିତ୍ର କୁମାର ଭୂୟାଁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଏହି ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ବିଭିନ୍ନ ଜନହିତକାରୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଚଳିତ ନିର୍ବାଚନରେ ଏହି ୱାର୍ଡର ନିର୍ବାଚନୀ ଅଧ୍ୟକ୍ଷ ଭାବେ ପୂର୍ବତନ କର୍ପୋରେଟର ଦୀପାଳିବାଳା ଭୂୟାଁଙ୍କୁ ଚୟନ କରାଯାଇଥିଲା। ଏଥିସହିତ ସମ୍ପାଦକ ଭାବେ ଦୀନେଶ ମହାପାତ୍ର ଓ କୋଷାଧ୍ୟକ୍ଷ ଭାବେ ପ୍ରମୋଦ କୁମାର ଦାଶଙ୍କୁ ଚୟନ କରାଯାଇଥିଲା। ବୁଥ୍ ସ୍ତରରେ ଟିମ୍-୨୫ଗଠନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିରେ ବିକ୍ରମ ବାରିକ, ବିଜୁ ମହିଳା ସଭାନେତ୍ରୀ ସନ୍ତୋଷୀ ସ୍ୱାଇଁ, ସମ୍ପାଦିକା ମମତା ବେହେରା, ୱାର୍ଡର ୨ ପର୍ଯ୍ୟବେକ୍ଷକ ମନୋଜ ସେଠୀ ଓ ପ୍ରକାଶ ମହାନ୍ତି ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିତୁ, ନିମାଇଁ, ବ୍ରହ୍ମାନନ୍ଦ ନାୟକ, ବିଷ୍ଣୁ ନାୟକ, ସିତୁନ୍ ନାୟକ, ଇନ୍ଦ୍ରମଣି ବାରିକ, ନାରାୟଣ ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ।

## ସାଧାରଣ ନିର୍ବାଚନ ପାଇଁ କମିଶନରେଟ୍ ପୁଲିସ ପ୍ରସ୍ତୁତି

# କଣ୍ଟ୍ରୋଲ୍ ରୁମ୍‌ରେ ୫୭୭ଟି ସିସି କ୍ୟାମେରା ହେବ ଲାଇଭ୍

**କଟକ, ୨୬।୪(ସମିସ)**



- ଡିସ୍‌ପ୍ଲେରେ ସମସ୍ତ କ୍ୟାମେରା ହେଉଛି ଦୃଶ୍ୟମାନ
- ସଜଡ଼ାଗଲା ଅପ୍ଟିକାଲ୍ ଫାଇବର ତ୍ରୁଟି

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସହରରେ ଲାଗିଥିବା ସମସ୍ତ ସିସିକ୍ୟାମେରାକୁ ସଚଳ କରାଯାଇଛି। ୫୭୭ଟି କ୍ୟାମେରାଗୁଡ଼ିକୁ କଣ୍ଟ୍ରୋଲ୍ ରୁମ୍‌ରେ ଲାଇଭ୍ କରାଯିବାର ବ୍ୟବସ୍ଥା ହୋଇଛି। ପୂର୍ବରୁ ସହଭାଗିତା ଯୋଜନା ମାଧ୍ୟମରେ ଡିସିପିଙ୍କ କାର୍ଯ୍ୟାଳୟରେ ଥିବା କଣ୍ଟ୍ରୋଲ୍ ରୁମ୍‌ରେ ସିସି କ୍ୟାମେରାଗୁଡ଼ିକର ସିଧା ପ୍ରସାରଣ(ଲାଇଭ୍) କରାଯାଉଥିଲା। ହେଲେ ଗତ ୪ ମାସ ହେବ ୩୭୦ଟି କ୍ୟାମେରା ଅଚଳ ହୋଇପଡ଼ିଥିଲା। ଏଥିରେ ଅପ୍ଟିକାଲ୍ ଫାଇବର ତ୍ରୁଟି ରହିଥିବା ସମ୍ପୃକ୍ତ ସଂସ୍ଥା ଦର୍ଶାଇଥିଲା। ଚଳିତ ନିର୍ବାଚନକୁ ଦୃଷ୍ଟିରେ ରଖି ସହରରେ ଲାଗିଥିବା ସିସିଟିଭିଗୁଡ଼ିକ ସଜଡା ଯାଇ ଏହାକୁ ଲାଇଭ୍ କରାଯାଉଥିବା ଜଣାପଡ଼ିଛି।

ସହରର କେତେକ ସ୍ଥାନରେ ସିସି କ୍ୟାମେରାଗୁଡ଼ିକରେ ଅପ୍ଟିକାଲ୍ ଫାଇବର୍ ତ୍ରୁଟି ଦେଖା ଦେଇଥିଲା। ଖୁଣ୍ଟରେ ଲାଗିଥିବା ସିସି କ୍ୟାମେରାରେ ବର୍ଷା ପାଣି ପଶିଯିବାରୁ କ୍ୟାମେରା ଅଚଳ ହୋଇଯାଇଥିଲା। ବିଭିନ୍ନ ସମୟରେ ଥାନାୱାରୀ କୌଣସି ମାମଲାର ତଦନ୍ତ ସମୟରେ ସିସି କ୍ୟାମେରା ଫୁଟେଜ୍ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ସହରର ପ୍ରବେଶ ପଥ ଗୁଡ଼ିକରେ ଲାଗିଥିବା କ୍ୟାମେରା ଗୁଡ଼ିକୁ ଆଜି ଯାଞ୍ଚ କରାଯାଇଥିଲା। ସତୀଚଉରା ଛକ, ବେଲଭ୍ୟୁ ଛକ, ଚାନ୍ଦିନୀଚୌକ ଛକ, ଡଗରପଡ଼ା, ହାୱଡା ମୋଟର ଛକ, ମଙ୍ଗଳାବାଗ ଛକ, କ୍ୟାଣ୍ଟନମେଣ୍ଟ ରୋଡ୍, ନୂଆପାଟଣା, ମଧୁପାଟଣା, ଘାଟକୂଳ, ବାଲିସାହି, ନୂଆବଜାରର କେତେକ ଅଞ୍ଚଳ ଭଳି ପୂର୍ବାଞ୍ଚଳର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଛକ ଗୁଡ଼ିକରେ ଲାଗିଥିବା କ୍ୟାମେରା ଗୁଡ଼ିକୁ ଯାଞ୍ଚ କରାଯିବା ସହିତ ଏହା ସଠିକ୍ ଭାବେ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ଅନ୍ୟପଟେ ସମ୍ପ୍ରତି ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସାରା ସହରରେ ଲାଗିଛି ସିସି କ୍ୟାମେରା। ଯଦିଓ କମିଶନରେଟ୍ ପୁଲିସ ଏଥି ନିମନ୍ତେ ଅର୍ଥ ବିନିଯୋଗ କରିନାହିଁ ସହରର ପୂଜା କମିଟି, ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ କାର୍ଯ୍ୟକ୍ଷମ ହେଉଛି ସହଭାଗିତା ଯୋଜନା। ପୂର୍ବରୁ କମିଶନରେଟ୍ ପୁଲିସ ପକ୍ଷରୁ ସିସି କ୍ୟାମେରାର ପରିଚାଳନା ନିମନ୍ତେ ଏକ ହ୍ୱାଟ୍‌ସଆପ୍ ଗ୍ରୁପ୍ କରାଯାଇଥିଲା। ଏହି ଗ୍ରୁପ୍‌ରେ କ୍ୟାମେରା ସଂଯୋଗ କରୁଥିବା ସଂସ୍ଥାର କର୍ମକର୍ତ୍ତା, ପ୍ରତ୍ୟେକ ଥାନାର ଆଇଆଇସି, ସବ୍‌ଇନ୍ସପେକ୍ଟର୍, ସମସ୍ତ ଏସିପିଙ୍କୁ ରଖାଯାଇଛି। ଗ୍ରୁପ୍‌ରେ ପ୍ରତ୍ୟେକ ଦିନ ସିସି କ୍ୟାମେରା ସଂକ୍ରାନ୍ତୀୟ ଅଭିଯୋଗ, ଏହାର ସମାଧାନ ଏବଂ କେଉଁ ସ୍ଥାନରେ ନୂଆ କ୍ୟାମେରା ଲଗାଯିବ ଏସବୁର ତଥ୍ୟ ଆଦାନପ୍ରଦାନ ହୋଇଥାଏ। ତେବେ ସମ୍ପୃକ୍ତ ହ୍ୱାଟ୍‌ସଆପ୍ ଗ୍ରୁପ୍‌ରେ ସହରର ବିଭିନ୍ନ ସ୍ଥାନରେ ଖଞ୍ଜାଯାଇଥିବା କ୍ୟାମେରାର ସ୍ଥିତି ସମ୍ପର୍କରେ ସମସ୍ତ ଆଇଆଇସିମାନେ ଗ୍ରୁପ୍‌ରେ ସୂଚନା ଦେବାକୁ କୁହାଯାଇଛି। ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ଥାନାୱାରୀ ଲାଗିଥିବା କ୍ୟାମେରା ଗୁଡ଼ିକ ସମ୍ପୃକ୍ତ ଆଇଆଇସିଙ୍କ ତତ୍ତ୍ୱାବଧାନରେ ରହିବ ବୋଲି ଜଣାପଡ଼ିଛି।

# ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

**ମାହାଙ୍ଗା, ୨୬।୪(ସମିସ):** ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ମାହାଙ୍ଗା ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ବଢ଼ି ଚାଲିଥିବାବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଅସହ୍ୟ ଗ୍ରୀଷ୍ମପ୍ରବାହ ଯୋଗୁ ମାହାଙ୍ଗା ବଗାରସ୍ଥିତ ସୂର୍ଯ୍ୟକ୍ଷେତ୍ରକୁ ଆସିଥିବା ଜଣେ ୬୮ ବର୍ଷୀୟ ବୃଦ୍ଧଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ନେଇ ତାଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ସୂଚନା ଅନୁଯାୟୀ ଅନୁଗୁଳ ଜିଲ୍ଲା ତାଳଚେର ଥାନା ରଘୁନାଥପୁର ଗ୍ରାମର ଚନ୍ଦଶେଖର ନାୟକ (୬୮) ବଗାର ସ୍ୱନକ୍ଷତ୍ର ପାଳନ ହେଉଥିବା ଚୈତ୍ର ପୂର୍ଣ୍ଣିମା ଉତ୍ସବରେ ଯୋଗଦେବାକୁ ଆସିଥିଲେ। ସେ ଗତକାଲି ବଗାର ଆଶ୍ରମରେ ରହିଥିବାବେଳେ ହଠାତ୍ ରାତି ୧୧ଟା ୩୦ ମିନିଟରେ ଚେତାଶୂନ୍ୟ ହୋଇଯାଇଥିଲେ। ତୁରନ୍ତ ତାଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନିଆଯାଇଥିବାବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ତାଙ୍କ ପୁତ୍ର ସଚ୍ଚିକାନ୍ତ ନାୟକ ମାହାଙ୍ଗା ଥାନାରେ ପହଞ୍ଚି ଲିଖିତ ଭାବେ ଜଣାଇବା ପରେ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ନିମନ୍ତେ କଟକ ପଠାଯାଇଥିଲା।

# ମିଶ୍ରଣ ପର୍ବ ପ୍ରସ୍ତୁତି ବୈଠକ



**ଟାଙ୍ଗୀ, ୨୬।୪(ସମିସ):** ସାଲେପୁର ନିର୍ବାଚନ ମଣ୍ଡଳୀର ଟାଙ୍ଗୀ ଚୌଦ୍ୱାର ବ୍ଲକର ଉଚ୍ଚପଦା ପଞ୍ଚାୟତରେ ହେବାକୁ ଥିବା ବିଜୁ ଜନତା ଦଳର ମିଶ୍ରଣ ପର୍ବ ନିମନ୍ତେ ଶୁକ୍ରବାର ଟାଙ୍ଗୀର ଏକ କଲ୍ୟାଣ ମଣ୍ଡପରେ ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର କୁମାର ଜେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ସାମଲ, ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ଜନ୍ମେଜୟ ଖିଲାର, ବିଜେପି ମଣ୍ଡଳ ସଭାପତି ସ୍ୱର୍ଗତ ବିରଜା ପ୍ରସାଦ ରାଉତଙ୍କ ସହଧର୍ମିଣୀ ରଶ୍ମିତା ରାଉତ, ଉଚ୍ଚପଦା ପଞ୍ଚାୟତର ବରିଷ୍ଠ ବିଜେଡି କର୍ମୀ ଓ ପ୍ରକାଶ ବେହେରାଙ୍କ କର୍ମୀମାନେ ଯୋଗଦେଇ ଥିଲେ।

# ବାଲିସାହି ଉନ୍ନୟନ ସମିତି ପକ୍ଷରୁ ଜଳଛତ୍ର




**କଟକ, ୨୬।୪(ସମିସ):** ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବାଲିସାହି ଉନ୍ନୟନ ସମିତି ପକ୍ଷରୁ ସାହିବାସୀଙ୍କ ନିମନ୍ତେ ଚଳିତ ପଣା ସଂକ୍ରାନ୍ତିଠାରୁ ଅଦ୍ୟାବଧି ଜଳଛତ୍ର ସହ ଦହି ପାନୀୟର ବ୍ୟବସ୍ଥା କରାଯାଇଛି। ଉନ୍ନୟନ ସମିତିର କର୍ମକର୍ତ୍ତାଙ୍କର ଏଭଳି ପଦକ୍ଷେପ ପାଇଁ ସାହି ମୁରବିଙ୍କ ସହ ସ୍ଥାନୀୟ ବାସିନ୍ଦା ପ୍ରଶଂସା କରିଛନ୍ତି।

## ମା’ଧାକୁଲେଇ ମହୋତ୍ସବର ତୃତୀୟ ସନ୍ଧ୍ୟା

# ଦର୍ଶକଙ୍କ ମନ ମୋହୁଛି ସାଂସ୍କୃତିକ କାର୍ଯ୍ୟକ୍ରମ

**ଫୁଲନଖରା, ୨୬।୪(ସମିସ)**





ମଧ୍ୟଯୁଗରେ ଭକ୍ତିମାର୍ଗକୁ ଅଧିକ ପ୍ରାଧାନ୍ୟ ଦିଆଯାଇଥିଲା। ଏହି ଭକ୍ତିମାର୍ଗର ମାଧ୍ୟମ ହେଉଛି ନୃତ୍ୟ, ସଂଗୀତ ଓ ବାଦନ ଭଳି ତ୍ରିକଳାର ସମିଶ୍ରଣ ସଂକୀର୍ତ୍ତନ। ସାହି-ସାହି, ଗ୍ରାମ-ଗ୍ରାମ ମଧ୍ୟରେ ଭାଇଚାରା ସୃଷ୍ଟି କରିବାର ପ୍ରକୃଷ୍ଟ ମାଧ୍ୟମ ଥିଲା ସଂକୀର୍ତ୍ତନ। ସଂକୀର୍ତ୍ତନକୁ ଆଧାର କରି ଉତ୍କଳର ପୁରପଲ୍ଲୀରେ ଗଢ଼ି ଉଠିଥିଲା ଭାଗବତ ଟୁଙ୍ଗୀ। ଯେଉଁଠି ଲୋକମାନେ ଏକତ୍ରିତ ହୋଇ ସଂଧ୍ୟା ସମୟରେ ହରିନାମ କୀର୍ତ୍ତନ କରିବା ସହିତ କିଛି ସମୟ ଆଧ୍ୟାତ୍ମିକ ମାର୍ଗରେ ମଜ୍ଜି ରହୁଥିଲେ; କିନ୍ତୁ କାଳକ୍ରମେ ଆଧୁନିକତାର କବଳରେ ଏହି ପୁରାତନ ସଂସ୍କୃତି ଧିରେ ଧିରେ ଲୋପ ପାଇବାକୁ ବସିଥିବା ବେଳେ କେତେକ ସଂସ୍କାରଧର୍ମୀ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନର ପ୍ରଚେଷ୍ଟା ଫଳରେ ପୁନର୍ଜୀବିତ ହୋଇ ଉଠିଛି ସଂକୀର୍ତ୍ତନ ଭଳି ଲୋକକଳା। ସରକାରଙ୍କ କଳାକାର ଭତ୍ତା, ମା’ ଧାକୁଲେଇ ଗ୍ରାମ୍ୟ କମିଟିର ପ୍ରୋତ୍ସାହନ ଓ ୪୮ ମଠ ମହନ୍ତ ତଥା କଟକ ଜିଲ୍ଲା ସଂକୀର୍ତ୍ତନ ମଣ୍ଡଳୀ ସଭାପତି ବନମାଳୀ ଦାସଙ୍କ ଜୀବନବ୍ୟାପୀ ଉଦ୍ୟମ କଟକ ଜିଲ୍ଲାରେ ସଂକୀର୍ତ୍ତନ କଳାକୁ ପ୍ରଚାର ଓ ପ୍ରସାର କରାଇବାରେ ସହାୟକ ହୋଇପାରିଛି। ମା’ ଧାକୁଲେଇଙ୍କ ପୀଠରେ ଶ୍ରୀ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଂକୀର୍ତ୍ତନ ମହୋତ୍ସବ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ଦିନରେ କଟକ ଜିଲ୍ଲାର ୪୩ଟି ସଂକୀର୍ତ୍ତନ ମଣ୍ଡଳୀର ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ କଳାକାରମାନେ ଯୋଗଦେଇ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଏହି ଓଡ଼ିଶୀ ସଂକୀର୍ତ୍ତନ ମହୋତ୍ସବରେ ପ୍ରାୟ ୭୦ଭାଗ ଯୁବଗୋଷ୍ଠୀ ସଂକୀର୍ତ୍ତନ ପରିବେଷଣ କରୁଥିବାର ଦେଖାଯାଇଥିଲା। ସେମାନଙ୍କ ମଧ୍ୟରୁ ୪୦ଭାଗ ୧୨ବର୍ଷରୁ କମ୍ ଶିଶୁ କଳାକାରମାନେ ଅତି ସୁନ୍ଦର ଭାବରେ ସଂକୀର୍ତ୍ତନ ପରିବେଷଣ କରି ସମସ୍ତଙ୍କୁ ଚକିତ କରିଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ଚନ୍ଦ୍ରସାରଥୀ ବେହେରା, ସଂସ୍କୃତି ବିଭାଗ ପ୍ରାକ୍ତନ ସଚିବ ରବିନାରାୟଣ ନନ୍ଦ, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଭାରତ ମସଲା ଅଧ୍ୟକ୍ଷ ସୁରେନ୍ଦ୍ର ପଣ୍ଡା ପ୍ରମୁଖ ଅତିଥିଭାବରେ ଯୋଗଦେଇଥିବା ବେଳେ ଗ୍ରାମ୍ୟ ଉନ୍ନୟନ କମିଟିର ସଭାପତି ପ୍ରମୋଦ କୁମାର ସ୍ୱାଇଁ, ଜିଲ୍ଲା ସଂକୀର୍ତ୍ତନ ମଣ୍ଡଳୀର ଉପସଭାପତି ଅଜୟ ଦାସ, କୋଷାଧ୍ୟକ୍ଷ ପ୍ରଦୀପ୍ତ ସାହୁ, ଧାକୁଲେଇ ପୀଠ ମହନ୍ତ ବାଦଲ କୁମାର ଜେନା, ଉପଦେଷ୍ଟା ପର୍ଶୁରାମ ସେନାପତି, ଦୟାନିଧି ସାହୁ, ରବି ବସ୍ତିଆ, ସଦସ୍ୟ ଉପେନ୍ଦ୍ର ସ୍ୱାଇଁ, ବିରଞ୍ଚି ସ୍ୱାଇଁ, ସଞ୍ଜୟ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏତଦ୍ ବ୍ୟତୀତ ପ୍ରତ୍ୟେହ ସଂଧ୍ୟାରେ ସାଂସ୍କୃତିକ ମଞ୍ଚରେ ବିଭିନ୍ନ ଜିଲ୍ଲାର ନୃତ୍ୟଶିଳ୍ପୀଙ୍କ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟ ଦର୍ଶକମାନଙ୍କୁ ଆକୃଷ୍ଟ କରିପାରିଛି। ଜନଗହଳି ସାଙ୍ଗକୁ ଘରକରଣା ଜିନିଷଠାରୁ ଆରମ୍ଭ କରି କଂସା ପିତ୍ତଳ ବାସନକୁସନ ପର୍ଯ୍ୟନ୍ତ ଆସବାବାପତ୍ର କିଣାବିକା ଓ ସୁସ୍ୱାଦୁ ଚଟପଟି ଖାଦ୍ୟର ମଜା ନେଉଛନ୍ତି ଦର୍ଶକ। ପ୍ରଶାସନ ତରଫରୁ ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଆରକ୍ଷୀ, ପାନୀୟ ଜଳ, ଅଗ୍ନି ନିର୍ବାପକ ଗାଡି ଓ ସ୍ୱାସ୍ଥ୍ୟ ବିଭାଗର ଆମ୍ବୁଲାନ୍ସ ଆଦି ଯୋଗାଇ ଦିଆଯାଇଛି ବୋଲି ଗ୍ରାମ୍ୟ ଉନ୍ନୟନ କମିଟିର ସଂପାଦକ ପ୍ରମୋଦ କୁମାର ବେହେରା ପ୍ରକାଶ କରିଛନ୍ତି। ଗତ ୨୩ ତାରିଖରୁ ଆରମ୍ଭ ହୋଇ ସପ୍ତଦିବସ ବ୍ୟାପୀ ଚାଲୁ ରହିଥିବା ଏହି ମହୋତ୍ସବକୁ ସରସ ସୁନ୍ଦର କରିବାରେ ଗ୍ରାମ୍ୟ କମିଟିର ସମସ୍ତ ଯୁବଗୋଷ୍ଠୀ ଉଦ୍ୟମ ଜାରି ରଖିଛନ୍ତି।

- ପ୍ରତି ସନ୍ଧ୍ୟାରେ ୫୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ

# ସାଇ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



**କଟକ, ୨୬।୪(ସମିସ):** ଖାନନଗରସ୍ଥିତ ସାଇ ସରସତୀ ଶିଶୁ ମନ୍ଦିରର ୨୪ତମ ବାର୍ଷିକ ଉତ୍ସବ ଦୋଳମୁଣ୍ଡାଇସ୍ଥିତ ବିଜୟ ଗୋବିନ୍ଦ ଭବନ ପରିସରରେ ତାରାକାନ୍ତ ଅଗସ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ ଉତ୍ସବର ସାନ୍ଧ୍ୟ ଅଧିବେଶନରେ ଖାନନଗର ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟିର ସମ୍ପାଦକ ପ୍ରଫୁଲ କୁମାର ସାହୁ ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ସମ୍ପାଦକ ରାମକୃଷ୍ଣ କୁଟୀର ତଥା ଆଇନଜୀବୀ ଗୋକୁଳାନନ୍ଦ ପଟ୍ଟନାୟକ, ମୁଖ୍ୟବକ୍ତା ବିଦ୍ୟାବିକାଶ ସମିତର ସଭାପତି ଡ. ରମେଶ ଚନ୍ଦ୍ର ଦାସ, ବରେଣ୍ୟ ଅତିଥି ଭାବରେ ବିଦ୍ୟା ବିକାଶ ସମିତିର ଉପଦେଷ୍ଟା ବିଷ୍ଣୁଚରଣ ବିଶ୍ୱାଳ ଓ ଶିକ୍ଷାବିତ୍ ସନ୍ୟାସିନୀ ବିଦ୍ୟୁତ୍ କୁମାରୀ ଲାଲା ଯୋଗଦେଇଥିଲେ। ବାର୍ଷିକ ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମରେ ୪୫ନଂ ୱାର୍ଡର କର୍ପୋରେଟର ଗୋପାଳ ବେହେରା ଓ ସଭାପତି ଗଣପତି ଯୋଗଶିକ୍ଷା କେନ୍ଦ୍ର ତଥା ଆଇନଜୀବୀ ଶୈଳେନ ଧଳ ପ୍ରମୁଖ ଯୋଗ ଦେଇଥିଲେ। ଉତ୍ସବରେ ସାହାରା ନର୍ସିଂହୋମ୍‌ର ପ୍ରତିଷ୍ଠାତା ଡ. ଅଜୟ ମହାପାତ୍ର ଓ ଶୈଳବାଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପିକା କୃଷ୍ଣପ୍ରିୟା ସାମନ୍ତରାୟଙ୍କୁ ଶିଶୁ ମନ୍ଦିର ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ତାପସ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିବା ପରେ ସମ୍ପାଦକ ଯୋଗେନ୍ଦ୍ରନାଥ ବସ୍ତିଆ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟା ନମିତା ରାଉତରାୟ ଧନ୍ୟବାଦ ଦେଇଥିଲେ। ସନ୍ତୋଷ କୁମାର ସାହୁ ସଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୭୫ • ପାଉଣ୍ଡ ୧୦୪.୨୨
- ୟୁରୋ ୮୯.୯୯ • ୟେନ୍ ୦.୫୩

**ସୁନା ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୬,୮୦୦ (ନୂଆଦିଲ୍ଲୀ)
- ରୁପା : ୮୪,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୩,୭୩୦.୦୦
- ନିଫ୍ଟି ୨୨,୪୧୯.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# ଫ୍ରାନ୍ସ ମାଧ୍ୟମରେ ଭାରତ ଫେରିବେ ମାଲ୍ୟା

**ନୂଆଦିଲ୍ଲୀ,୨୬।୪(ଏଜେନ୍ସି):** ପଳାତକ ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ଦେଶକୁ ଆଣିବାକୁ ଭାରତ ସରକାର ଚେଷ୍ଟା ଚଳାଇଛନ୍ତି। ଏଥିପାଇଁ ସରକାର ଫ୍ରାନ୍ସ କର୍ତ୍ତୃପକ୍ଷଙ୍କୁ ମାଲ୍ୟାଙ୍କୁ ବିନା ସର୍ତ୍ତରେ ଭାରତ ହସ୍ତାନ୍ତର କରିବାକୁ ଦାବି କରିଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ମାଲ୍ୟା ବର୍ତ୍ତମାନ ବ୍ରିଟେନରେ ଅଛନ୍ତି। ହେଲେ ଭାରତ ବର୍ତ୍ତମାନ ମାଲ୍ୟାଙ୍କର ସମ୍ପତ୍ତି ଥିବା ପ୍ରତ୍ୟେକ ଦେଶ ସହିତ ଯୋଗାଯୋଗ କରୁଛି। ଏହା ଏଥିପାଇଁ କରାଯାଉଛି ଯେ, ଯଦି ମାଲ୍ୟା ବ୍ରିଟେନ ଛାଡି ଅନ୍ୟ ଦେଶକୁ ପଳାନ୍ତି, ତେବେ ତାଙ୍କୁ ସେଠାରୁ ଭାରତ ଆଣିବା ପାଇଁ ଅଧିକ ସମୟ ଲାଗିବନାହିଁ।

ରିପୋର୍ଟ ଅନୁଯାୟୀ, ଏପ୍ରିଲ ୧୫ରେ ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ଆତଙ୍କବାଦ ମୁକାବିଲା ସମ୍ପର୍କିତ ଏକ କାର୍ଯ୍ୟକାରୀ ଗୋଷ୍ଠୀର ଏକ ବୈଠକରେ ମାଲ୍ୟାଙ୍କ ପ୍ରତ୍ୟର୍ପଣ ଉପରେ ବ୍ୟାପକ ଆଲୋଚନା ହୋଇଥିଲା। ଏହି ବୈଠକରେ ଫ୍ରାନ୍ସ କିଛି ସର୍ତ୍ତ ସହିତ ମାଲ୍ୟାଙ୍କୁ ଭାରତକୁ ପ୍ରତ୍ୟର୍ପଣ ପ୍ରସ୍ତାବ ଦେଇଥିଲା। ବୈଠକରେ ଭାରତ ପକ୍ଷରୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର



ଯୁଗ୍ମ ସଚିବ କେ.ଡି. ଦେଓଲ ଏବଂ ଗୁଇନ୍ଦା ଏଜେନ୍ସିର ବହୁ ଅଧିକାରୀ ମଧ୍ୟ ଏହି ସାମିଲ ଥିଲେ। କିଙ୍ଗଫିଶର ଏୟାରଲାଇନ୍ସ ସମେତ ଅନେକ କମ୍ପାନୀର ମାଲିକ ଥିବା ଭାରତୀୟ ବ୍ୟବସାୟୀ ବିଜୟ ମାଲ୍ୟା ଦେଶର ୧୭ଟି ବ୍ୟାଙ୍କରୁ ପ୍ରାୟ ୯ ହଜାର କୋଟି ଟଙ୍କାର ଋଣ କରିଛନ୍ତି। ମାଲ୍ୟା ୨୦୧୬ରେ ଦେଶ ଛାଡି ବ୍ରିଟେନକୁ ପଳାୟନ କରିଥିଲେ। ସେବେଠାରୁ ଭାରତ ସରକାର ତାଙ୍କୁ ଦେଶକୁ ଫେରାଇ ଆଣିବାକୁ

**ବିନା ସର୍ତ୍ତରେ ପ୍ରତ୍ୟାର୍ପଣ ପାଇଁ ଦାବି**

**ଫ୍ରାନ୍ସରେ ରହିଛି ୩୧୩ କୋଟିର ସମ୍ପତ୍ତି**

ଚେଷ୍ଟା କରୁଛନ୍ତି। ମାଲ୍ୟାଙ୍କ ବିରୋଧରେ ଜାଲିଆତି ଏବଂ ଅର୍ଥ ହେରଫେର ମାମଲା ବିଚାରାଧୀନ ରହିଛି। ୨୦୧୯ ଜାନୁୟାରୀ ୫ରେ ସରକାର ମାଲ୍ୟାଙ୍କୁ ପଳାତକ ଘୋଷଣା କରିଥିଲେ। ଗତ ବର୍ଷ ଅନୁସନ୍ଧାନ ବେଳେ ସିବିଆଇ ଦାବି କରିଥିଲା ଯେ ମାଲ୍ୟା ୨୦୧୫-୧୬ ବର୍ଷରେ ବ୍ରିଟେନ ଏବଂ ଫ୍ରାନ୍ସରେ ୩୩୦ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି କ୍ରୟ କରିଛନ୍ତି। ସେତେବେଳେ ତାଙ୍କ କମ୍ପାନୀ କିଙ୍ଗଫିଶର ଏୟାରଲାଇନ୍ସ କ୍ଷତିର ସମ୍ମୁଖୀନ ହୋଇଥିଲା। ମାଲ୍ୟା ନିଜେ ବ୍ୟାଙ୍କଗୁଡ଼ିକୁ ଋଣ ପରିଶୋଧ କରିନାହାଁନ୍ତି। ୨୦୨୦ରେ ଇଡିର ଆବେଦନ ଉପରେ ଫ୍ରାନ୍ସ ସେଠାରେ ୧୪ କୋଟି ଟଙ୍କା ମୂଲ୍ୟର ମାଲ୍ୟାଙ୍କ ସମ୍ପତ୍ତି ଜବତ କରିଥିଲା।

ଏଠାରେ ସୂଚନାଯୋଗ୍ୟ ଯେ,ପିତା ଭିଥାଲ ମାଲ୍ୟାଙ୍କ ମୃତ୍ୟୁ ପରେ ବିଜୟ ମାଲ୍ୟା ୧୯୭୮ରେ ୟୁନାଇଟେଡ୍ ବ୍ରୁରିଜ୍ (ୟୁବି) କମ୍ପାନୀ ଅଧୀନରେ କିଙ୍ଗଫିସର ପ୍ରିମିୟମ୍ ନାମକ ଏକ ବିୟର କମ୍ପାନୀ ଆରମ୍ଭ କରିଥିଲେ। ୪୪ ବର୍ଷ ବୟସରେ ମାଲ୍ୟା ୟୁନାଇଟେଡ୍ ବ୍ରୁରିସ୍ ଗ୍ରୁପର ଅଧକ୍ଷ ହୋଇଥିଲେ। ତାଙ୍କ ବିୟର ବ୍ରାଣ୍ଡକୁ ଆହୁରି ପ୍ରୋତ୍ସାହିତ କରିବା ପାଇଁ ମାଲ୍ୟା ୨୦୦୫ରେ କିଙ୍ଗଫିସର ଏୟାରଲାଇନ୍ସର ଶୁଭାରମ୍ଭ କରିଥିଲେ। ୨୦୧୧ରୁ କିଙ୍ଗଫିଶର ଏୟାରଲାଇନ୍ସ କ୍ଷତି ସହିବାକୁ ଲାଗିଲା। ୨୦୧୨ ବେଳକୁ ପରିସ୍ଥିତି ଏତେ ଖରାପ ହୋଇଗଲା ଯେ କିଛି ବିମାନ ବନ୍ଦ କରିବାକୁ ପଡିଲା। କର୍ମଚାରୀମାନେ ଦରମା ପାଇବା ବନ୍ଦ ହୋଇଗଲା। ପରେ ଉଡ଼ାଣ ସମ୍ବନ୍ଧୀତ ନିୟାମକଙ୍କ ସର୍ତ୍ତ ପୂରଣ ନ କରିବା ଯୋଗୁ ବେସାମରିକ ବିମାନ ଚଳାଚଳର ମହାନିର୍ଦ୍ଦେଶାଳୟ ଏହାର ଲାଇସେନ୍ସ ବାତିଲ କରିଥିଲା। ୨୦୧୪ ଜୁଲାଇ ପର୍ଯ୍ୟନ୍ତ, କମ୍ପାନୀ ଉପରେ ପ୍ରାୟ ୯ ହଜାର କୋଟି ଟଙ୍କାର ଋଣ ରହିଥିଲା, ଯାହା ପରିଶୋଧ କରାଯାଇନାହିଁ। ଏହାପରେ କମ୍ପାନୀ ନିଜକୁ ଦେବାଳିଆ ଘୋଷଣା କରିଥିଲା।

## ଭୁବନେଶ୍ୱର ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତିର ୧୯ତମ ବୈଠକ



**ଭୁବନେଶ୍ୱର,୨୬।୪(ସମିସ):** ନାଲ୍‌କୋ ଅଧ୍ୟକ୍ଷତାରେ ଆଜି ନାଲ୍‌କୋ କର୍ପୋରେଟ କାର୍ଯ୍ୟାଳୟ ଠାରେ ଭୁବନେଶ୍ୱର ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ଉପକ୍ରମ)ର ୧୯ତମ ଷାଣ୍ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନାଲକୋ ସିଏମ୍‌ଡି ଶ୍ରୀଧର ପାତ୍ରଙ୍କ ଅଧ୍ୟକ୍ଷତାରେ ଏବଂ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧିନସ୍ଥ ରାଜଭାଷା ବିଭାଗର ପୂର୍ବାଞ୍ଚଳ କ୍ଷେତ୍ରୀୟ ମୁଖ୍ୟ ନିର୍ମଳ କୁମାର ଦୁବେଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ସରକାରୀ ଭାଷା ହିନ୍ଦୀର ବ୍ୟବହାରକୁ ପ୍ରୋତ୍ସାହିତ କରିବା, ହିନ୍ଦୀ କର୍ମଶାଳା, ହିନ୍ଦୀ ପ୍ରତିଯୋଗିତା ଇତ୍ୟାଦି କାର୍ଯ୍ୟକ୍ରମ ଆୟୋଜନ, ଉପ-କମିଟି ଗଠନ, ସମିତି ପକ୍ଷରୁ ପତ୍ରିକା ଏବଂ କାର୍ଯ୍ୟାଳୟରେ ହିନ୍ଦୀରେ କାର୍ଯ୍ୟ ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା। ଏହା ବ୍ୟତୀତ, ଗତ ତ୍ରୈମାସରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ମଧ୍ୟ ବୈଠକରେ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ନାଲକୋ ସିଏମ୍‌ଡି ଶ୍ରୀ ପାତ୍ର ହିନ୍ଦୀ ଭାଷାର ବ୍ୟବହାର ବୃଦ୍ଧି ନିମନ୍ତେ ଆହ୍ୱାନ ଦେଇଥିଲେ ଏବଂ ମିଳିତ ପ୍ରୟାସ ମାଧ୍ୟମରେ ନିଜ କାର୍ଯ୍ୟାଳୟରେ ହିନ୍ଦୀର ବ୍ୟବହାର ବୃଦ୍ଧି ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ବୈଠକରେ ପାୱାର ଗ୍ରୀଡ କର୍ପୋରେସନ, ହିନ୍ଦୁସ୍ତାନ ପେଟ୍ରୋଲିୟମ, ସେଲ, ଏମସିଏଲ, ବିଏଚଇଏଲ, ଏଫସିଆଇ, ହୁଡ୍‌କୋ, ବିଇଏମଏଲ, ଆରସିଏଫଏଲ, ଗେଲ, ଇଣ୍ଡିଆନ ଅଏଲ, ଭାରତ ପେଟ୍ରୋଲିୟମ, ଆରଆଇଏନଏଲ, ଏନ୍‌ଟିପିସି, ରାଇଟସ, ଆର୍‌ଇସି, କଳିଙ୍ଗ ଅଶୋକ ହୋଟେଲ, ୱାପକସ, ସିଏମପିଡିଆଇ ଏବଂ ଅନ୍ୟ ସରକାରୀ ଉପକ୍ରମ ଓ ଉଦ୍ୟୋଗମାନଙ୍କର ଅଧିକାରୀ ମାନେ ଯୋଗଦେଇଥିଲେ। ବୈଠକରେ ନାଲକୋର ମହା ପ୍ରବନ୍ଧକ(ପ୍ରଶାସନ ଓ କର୍ପୋରେଟ ଯୋଗାଯୋଗ) ଆଶୁତୋଷ ରଥ ସ୍ୱାଗତ ଭାଷଣ ଦେଇଥିବା ବେଳେ, ପରିଚାଳକ(ରାଜଭାଷା) ହିମାଂଶୁ ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଚାନ୍ଦି ଭଣ୍ଡାରରେ ଅକ୍ଷୟ ତୃତୀୟା ସେଲିବ୍ରେସନ

**ରୁପା ଗହଣା, ଆର୍ଟିଫାକ୍ଟ ଗଢ଼ା ମଜୁରିରେ ୫୦% ପର୍ଯ୍ୟନ୍ତ ରିଆତି**

**ଭୁବନେଶ୍ୱର,୨୬।୪(ସମିସ):** ଅକ୍ଷୟ ତୃତୀୟାକୁ ନଜରରେ ରଖି ରୁପା ଗହଣାର ଏକ୍ସକ୍ଲୁସିଭ୍ ଷ୍ଟୋର 'ଚାନ୍ଦି ଭଣ୍ଡାର' ଏହାର ଗ୍ରାହକଙ୍କ ପାଇଁ ଆଣିଛି ସ୍ୱତନ୍ତ୍ର ଅଫର। ଏହା ଅନ୍ତର୍ଗତ ଗ୍ରାହକ ରୁପା ଗହଣା ଏବଂ ଆର୍ଟିଫାକ୍ଟର ଗଢ଼ା ମଜୁରି ଉପରେ ୫୦% ପର୍ଯ୍ୟନ୍ତ ରିଆତି ପାଇପାରିବେ। ଏହି ଅଫର ଚଳିତ ମାସ ୨୬ରୁ ଆରମ୍ଭ ହୋଇ ଆସନ୍ତା ମେ' ୧୦ ଯାଏ ଚାଲିବ। ଚାନ୍ଦି ଭଣ୍ଡାରରେ ସୂକ୍ଷ୍ମ କାରୁ କାର୍ଯ୍ୟପୂର୍ଣ୍ଣ ପୂଜା ବାସନଠାରୁ ଆରମ୍ଭ କରି ଫାଇନ୍ ଡିନର୍‌ୱେର ଓ




ଆକର୍ଷଣୀୟ ଗହଣାର ବ୍ୟାପକ ସମ୍ଭାର ଉପଲବ୍ଧ। ପ୍ରତ୍ୟେକ ପିସ୍ କାଳଜୟୀ ଚମତ୍କାରିତା ଏବଂ ଅତୁଳନୀୟ କାରିଗରୀକୁ ପ୍ରଦର୍ଶିତ କରିଥାଏ। ଏହି ଅକ୍ଷୟ ତୃତୀୟାରେ ଗ୍ରାହକ ଚାନ୍ଦି ଭଣ୍ଡାରରେ ୯୨.୫% ଶୁଦ୍ଧ ଷ୍ଟର୍ଲିଙ୍ଗ୍ ରୁପାରେ ପ୍ରସ୍ତୁତ ହଲ୍‌ମାର୍କ ବାସନ ଏବଂ ଆସେସୋରିଜ୍‌ର ବିଶାଳ ସମ୍ଭାର ପାଇପାରିବେ। ଏ ଅବସରରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍‌ସା ହଂସ କୁହନ୍ତି, ଚାନ୍ଦି ଭଣ୍ଡାରରେ ଆମେ ପାରିବାରିକ ମୂଲ୍ୟବୋଧକୁ ସମ୍ମାନ ଦେଇଥାଉ। ଆମର କଲେକ୍ସନଗୁଡ଼ିକ ଆଧୁନିକ ଟ୍ରେଣ୍ଡର ପ୍ରତିରୂପ ହେବା ସହିତ ସମୃଦ୍ଧ ପରମ୍ପରା ସହ ଗଭୀର ଭାବେ ଜଡ଼ିତ, ଯାହା ଆମର ଐତିହ୍ୟ ଏବଂ ସଂସ୍କୃତିକୁ ପ୍ରତିଫଳିତ କରୁଛି। ଚାନ୍ଦି ଭଣ୍ଡାର ଢେଙ୍କାନାଳରେ ଏହାର ଏକ ନୂଆ ଷ୍ଟୋର ଖୋଲିବାକୁ ଯାଉଛି। ଚଳିତବର୍ଷ ଶେଷ ସୁଦ୍ଧା ତାଳଚେର, ସମ୍ବଲପୁର, ଝାରସୁଗୁଡା,ଭଦ୍ରକ ଏବଂ ବାରିପଦାରେ ଚାନ୍ଦି ଭଣ୍ଡାରର ଆଉ କିଛି ନୂଆ ଷ୍ଟୋର ଖୋଲିବାକୁ ଯାଉଥିବା ମାନିକ୍ ହଂସ ସୂଚନା ଦେଇଛନ୍ତି।

## ରେମଣ୍ଡର ତିନି କମ୍ପାନୀ ବୋର୍ଡରୁ ହଟିଲେ ନୱାଜ ମୋଦୀ

**ନୂଆଦିଲ୍ଲୀ,୨୬।୪(ଏଜେନ୍ସି):** ବିବାଦ ମଧ୍ୟରେ ଗୌତମ ସିଙ୍ଘାନିଆଙ୍କ ପତ୍ନୀ ନଓ୍ବାଜ ମୋଦୀଙ୍କୁ ତିନି କମ୍ପାନୀର ବୋର୍ଡରୁ ବୋର୍ଡରୁ ହଟାଇଦେଇଛନ୍ତି। ମାର୍ଚ୍ଚ ୩୧ରେ ଏକ ଇଜିଏମ ଦ୍ୱାରା ଜେକେ ଇନଭେଷ୍ଟର୍ସ ଲିମିଟେଡ (ଜେକେଆଇ), ରେମଣ୍ଡ କଞ୍ଜ୍ୟୁମର କେୟାର (ଆରସିସିଏଲ) ଏବଂ ସ୍ମାର୍ଟ ଆଡଭାଇଜରୀ ଆଣ୍ଡ ଫିନ୍‌ସର୍ଭ ନଓ୍ବାଜଙ୍କୁ ବୋର୍ଡରୁ ବାହାର କରିଦେଇଛି। ନଓ୍ବାଜଙ୍କୁ ସ୍ମାର୍ଟ ଆଡଭାଇଜରୀ ଆଣ୍ଡ ଫିନସର୍ଭରେ ନିର୍ଦ୍ଦେଶକ ଭାବରେ ନିଯୁକ୍ତ କରାଯାଇଥିଲା। ରିପୋର୍ଟ ଅନୁଯାୟୀ, ଷ୍ଟକ୍ ଏକ୍ସଚେଞ୍ଜରେ ଅନ୍ତର୍ଭୁକ୍ତ କମ୍ପାନୀ ରେମଣ୍ଡ ଏ ପର୍ଯ୍ୟନ୍ତ ନଓ୍ବାଜ ଙ୍କୁ ବୋର୍ଡରୁ ବାହାର କରିବାକୁ ପ୍ରସ୍ତାବ ରଖିନାହିଁ, କିନ୍ତୁ ଖୁବ୍ ଶୀଘ୍ର ଏହା କରିପାରେ। ଉଲ୍ଲେଖଯୋଗ୍ୟ, ରେମଣ୍ଡ ଗ୍ରୁପ୍ ଚେୟାରମ୍ୟାନ ଗୌତମ ସିଙ୍ଘାଣିଆ ୨୦୨୩ ନଭେମ୍ବର ୧୩ରେ ପତ୍ନୀ ନଓ୍ବାଜ ମୋଦୀଙ୍କଠାରୁ ଅଲଗା ହେବା ନେଇ ଘୋଷଣା କରିଥିଲେ। ସେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ଏବଂ ଇନଷ୍ଟାଗ୍ରାମରେ ଏ ନେଇ ଲେଖିଥିଲେ। ଅପରପକ୍ଷେ ନଓ୍ବାଜ କହିଛନ୍ତି ଗୌତମ ସିଙ୍ଘାଣିଆଙ୍କ ଭୁଲ କାମର ପର୍ଦ୍ଦାଫାଶ କରିବା ପରଠାରୁ ଏଭଳି ବ୍ୟବହାର କରାଯାଉଛି। ପ୍ରଥମେ ମାରପିଟ୍ ଆଉ ଏବେ କମ୍ପାନୀରୁ ।ଙ୍କୁ ବାହାର କରିଦିଆଯାଇଛି।

## କେୟାର ହସ୍ପିଟାଲ ପକ୍ଷରୁ କେୟାର କନେକ୍ଟ କର୍ମଶାଳା




**ଭୁବନେଶ୍ୱର.୨୬।୪(ସମିସ):** କେୟାର ହସ୍ପିଟାଲ ପକ୍ଷରୁ ସ୍ନାୟୁରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଏକ କର୍ମଶାଳା 'କେୟାର କନେକ୍ଟ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ପ୍ରକାର ସ୍ନାୟୁରୋଗରେ ଅକ୍ରାନ୍ତ ହୋଇ କେୟାର ହସ୍ପିଟାଲରେ ସଫଳତାର ସହିତ ଚିକିତ୍ସା ହୋଇଥିବା ରୋଗୀ ଓ ତାଙ୍କ ପରିବାର ସଦସ୍ୟ ମାନେ ଭାଗନେଇଥିଲେ। ରୋଗୀ ଓ ଡାକ୍ତରଙ୍କ ମଧ୍ୟରେ ଏକ ସୁସମ୍ପର୍କ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କର୍ମଶାଳାରେ କେୟାର ହସ୍ପିଟାଲର ବରିଷ୍ଠ ନ୍ୟୁରୋସର୍ଜନ ଡାଃ ସୁଶାନ୍ତ ଦାସ, ବରିଷ୍ଠ ନ୍ୟୁରୋସର୍ଜନ ଡାଃ ଆମ୍ରାରଞ୍ଜନ ଦାଶ ଏବଂ ବରିଷ୍ଠ ନ୍ୟୁରୋଲୋଜିଷ୍ଟ ଡାଃ ମିତାଲି କର ଯୋଗ ଦେଇ ଡିସ୍‌ଚାର୍ଜ ପରେ ରୋଗୀ ଓ ତାଙ୍କ ପରିବାର ସଦସ୍ୟଙ୍କ ମନରେ ଥିବା ସମସ୍ତ ପ୍ରଶ୍ନର ଉତ୍ତର ଦେଇଥିଲେ। ଡାଃ ସୁଶାନ୍ତ ଦାସ ଏହି ଅବସରରେ କେୟାର ହସ୍ପିଟାଲରେ ନିୟମିତ କରାଯାଉଥିବା ଅତ୍ୟାଧୁନିକ ବ୍ରେନ୍ ସର୍ଜରୀ, ଯେଭଳିକି ଆୱେକ୍ ବ୍ରେନ୍ ସର୍ଜରୀ, କମ୍ପ୍ୟୁଟର ଗାଇଡେଟ୍ ନାଭିଗେସନ୍ ବ୍ରେନ୍ ଟିମ୍ୟୁର ସର୍ଜରୀ,ବ୍ରେନ ଅନ୍ୟୁରିଜିମ୍ ସର୍ଜରୀ, ଏଣ୍ଡୋସ୍କୋପିକ୍ ବ୍ରେନ୍ ସର୍ଜରୀ ଉଦ୍ୟାବଧି ସଫଳତା ବିଷୟରେ ଆଲୋଚନା କରିଥିଲେ। ଡାଃ ଆମ୍ରାରଞ୍ଜନ ଏଣ୍ଡୋସ୍କୋପିକ୍ ବାଇପୋର୍ଟାଲ ସ୍ପାଇନ୍ ସର୍ଜରୀ, ଲେଜର ସ୍ପାଇନ୍ ସର୍ଜରୀ, ସର୍ଭାଇକାଲ୍ ଡିସ୍ ରିପ୍ଲେସମେ଼୍, ନ୍ୟାଭିଗେସନ୍ ଗାଇଡେଟ୍ ସ୍ପାଇନ୍ ସର୍ଜରୀ ଇତ୍ୟାଦି ସର୍ଜରୀ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ କେୟାର ହସ୍ପିଟାଲ ଭୁବନେଶ୍ୱରର ଏଚ୍‌ସିଓଓ କିସ୍‌ଲେ ଆନନ୍ଦ କହିଥିଲେ ବ୍ରେନ୍ ଓ ମେରୁଦଣ୍ଡ ରୋଗର ସଫଳ ଚିକିତ୍ସା କରିବାରେ କେବଳ ଓଡ଼ିଶାରେ ନୁହେଁ ସମଗ୍ର ପୂର୍ବ ଭାରତରେ କେୟାର ହସ୍ପିଟାଲ ଭୁବନେଶ୍ୱର ଶାଖାର ରହିଛି ଏକ ସ୍ୱତବ ପରିଚୟ। ଆଗାମୀ ଦିନରେ ବିଭିନ୍ନ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଏହିଭଳି ଅନେକ କର୍ମଶାଳାର ଆୟୋଜନ କରାଯିବ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କେୟାର ହସ୍ପିଟାଲର ଏଭିପି ଡାଃ ଲୋକନାଥ ଦାଶ ଉପସ୍ଥିତ ଥିଲେ।

**ରୁଚି ଫେଷ୍ଟିଭାଲ ବୋନାଞ୍ଜା ଅଫର୍ ଯୋଜନା**

## ସୁରତ ଗ୍ରାହକ ଜିତିଲେ ଇ-ସ୍କୁଟର ଓ ସ୍ୱର୍ଣ୍ଣମୁଦ୍ରା

**ସୁରଟ,୨୬।୪(ସମିସ):** ଓଡ଼ିଶାର ସୁପରିଚିତ ମସଲା ବ୍ରାଣ୍ଡ ରୁଚି ଫୁଡ୍‌ଲାଇନ୍ ପକ୍ଷରୁ ଫେଷ୍ଟିଭାଲ ବୋନାଞ୍ଜା ଅଫର ଯୋଜନାରେ ସୁରତର ଭାଗ୍ୟଶାଳୀ ବିଜେତାଙ୍କୁ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରିଛି। ସୁରତର ହୋଟେଲ ଏମ୍ବାସିଠାରେ ଆୟୋଜିତ ଉତ୍ସବରେ ରୁଚି ମସଲା କିଣିଥିବା ଦୁଇଜଣ ଗ୍ରାହକ ପ୍ରଦୀପ ମହାପାତ୍ର ଓ ସୁକାନ୍ତ କୁମାର ନାୟକଙ୍କୁ ଓଲା ଇ-ବାଇକ ପୁରସ୍କାର ପ୍ରଦାନ କରାଯାଇଥିଲା। 'ରୁଚି'ର ନିର୍ଦ୍ଦେଶିକା ରଶ୍ମୀ ସାହୁ, ସୁରତର ଉତ୍କଳ ବ୍ରାହ୍ମଣ ପରିବାରର ସଭାପତି ଭାବଗ୍ରାହୀ ପଣ୍ଡା, ସୁରଟ ଓଡ଼ିଆ କଲ୍ୟାଣ ସଂଗଠନର ସଭାପତି ବିଦେଶୀ ସାହୁ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।




ସେହିଭଳି ରନ୍ଧନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ସରିତା ସାମନ୍ତରାୟ, ବନିତା ବଡ଼ତ୍ୟା, ଝୁନୁରାଣୀ ପାତ୍ର, ଶୃତିରେଖା ପଟ୍ଟନାୟକ, ଉଷା ବଡ଼ତ୍ୟା, ହେମଲତା ପରମାଣିକ, କବିତା ରାଉତ, ଭାରତୀ ପଟ୍ଟନାୟକ ଓ ମନ୍ଦାକିନୀ ବିଶୋଇ ସ୍ୱର୍ଣ୍ଣମୁଦ୍ରା ବିଜୟୀ ହୋଇଥିଲା ବେଳେ ଅନ୍ୟ ୩୦ ଜଣ ପ୍ରତିଯୋଗୀଙ୍କୁ ରୌପ୍ୟ ମୁଦ୍ରା ପୁରସ୍କାର ପ୍ରଦାନ କରାଯାଇଥିଲା। ସୁରଟର ରୁଚି ଡିଲର ସୁମନ୍ତ କୁମାର ଦାସ ଓ ରଜନୀଶ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ସୁରତ ଓ ଆଖପାଖ ଅଞ୍ଚଳର ୨୦୦ରୁ ଅଧିକ ରିଟେଲର, ଡିଷ୍ଟ୍ରିବ୍ୟୁଟର ଓ ସହଯୋଗୀମାନେ ଯୋଗଦେଇଥିଲେ। ହ୍ୱାଇଟ କାନଭାସ୍‌ର ମୁଖ୍ୟ ଉଲ୍ଲାସ ଚନ୍ଦ୍ର ବେହୁରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ହର୍ଷପ୍ରିୟା ନୀଳାଚଳ ଗ୍ରୁପର ବିଳାସପୂର୍ଣ୍ଣ ରିଅଲ ଇଷ୍ଟେଟ୍ ପ୍ରକଳ୍ପ 'ସଲିଟେୟାର'




**ଭୁବନେଶ୍ୱର,୨୬।୪(ସମିସ):** ହର୍ଷପ୍ରିୟା ଗ୍ରୁପ ଏବଂ ନୀଳାଚଳ ହୋମ୍ସର ମିଳିତ ସହଯୋଗରେ ଗଠିତ ସଂସ୍ଥା ହର୍ଷପ୍ରିୟା ନୀଳାଚଳ ଗ୍ରୁପ ଗ୍ରାହକଙ୍କ ବିଳାସପୂର୍ଣ୍ଣ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ଖଣ୍ଡଗିରି ଅଞ୍ଚଳରେ ଏକ ଐତିହାସିକ ପ୍ରକଳ୍ପ 'ସଲିଟେୟାର'କୁ ଉନ୍ମୋଚନ କରିଛନ୍ତି। 'ସଲିଟେୟାର' ପ୍ରକଳ୍ପ ରିୟଲ ଇଷ୍ଟେଟ୍ କ୍ଷେତ୍ରରେ ଉତ୍କର୍ଷର ଏକ ନୂତନ ମାନଦଣ୍ଡ ସୃଷ୍ଟି କରିବ। ହର୍ଷପ୍ରିୟା ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ଚେତନ କୁମାର ଟେକରିୱାଲ କହିଛନ୍ତି, ଭୁବନେଶ୍ୱରରେ ବିଳାସ ଓ ଉଦ୍ଭାବନର ପ୍ରକୃତ ପ୍ରତିଫଳନ 'ସଲିଟେୟାର'ର ଲକ୍ଷ୍ୟ କେବଳ ପୂରଣ କରିବା ନୁହେଁ; ବରଂ ସମକାଳୀନ ଘର ମାଲିକଙ୍କ ଆଶାକୁ ପୂରଣ କରିବା, ସେମାନଙ୍କୁ ଆରାମ, ସୁନ୍ଦରତା ଏବଂ ଅତ୍ୟାଧୁନିକ ସୁବିଧାର ମିଶ୍ରଣ ପ୍ରଦାନ କରିବା ହେଉଛି ଆମର ପ୍ରୟାସ। ଏହି ପ୍ରକଳ୍ପରେ ଏକ ୨୧ ମହଲା ବିଶିଷ୍ଟ ହାଇରାଇଜ୍ ଟାୱାର ରହିଛି, ଯେଉଁଥିରେ ଅତ୍ୟାବଶ୍ୟକ କମର୍ସିଆଲ ଏରିଆ ସହିତ

୧୯୨ଟି ଆବାସିକ ୟୁନିଟ୍ ରହିଛି, ଯାହା ସବୁ ସ୍ଥାୟୀ ଏବଂ ଆଧୁନିକ ସ୍ଥାପତ୍ୟ ଦୃଷ୍ଟିକୋଣ ସହିତ ଡିଜାଇନ୍ କରାଯାଇଛି। ନୀଳାଚଳ ହୋମ୍ସର ପରିଚାଳନା ନିର୍ଦ୍ଦେଶକ ଗୋଲକ ବିହାରୀ ଶତପଥୀ ଏହି ପ୍ରକଳ୍ପର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ସମ୍ପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ।

## ୧୭ ହଜାର କ୍ରେଡିଟ୍ କାର୍ଡ ବ୍ଲକ୍ କଲା ଆଇସିଆଇସିଆଇ

**ଆପ୍‌ରେ ବଡ଼ ବୈଷୟିକ ତ୍ରୁଟି**

**ୟୁଜର ଦେଖିଲେ ଅନ୍ୟ ଗ୍ରାହକଙ୍କ କ୍ରେଡିଟ୍ କାର୍ଡର ଗୋପନୀୟ ସୂଚନା**

**ପୁରୁଣା ଗ୍ରାହକଙ୍କ କ୍ରେଡିଟ କାର୍ଡ ଭୁଲରେ ନୂତନ ଗ୍ରାହକଙ୍କ କାର୍ଡ ସହ ସଂଯୁକ୍ତ**



**ନୂଆଦିଲ୍ଲୀ,୨୬।୪(ଏଜେନ୍ସି):** ଆଇସିଆଇସିଆଇ ବ୍ୟାଙ୍କର ଆପ୍ ଆଇମୋବାଇଲ-ପେ ରେ ହୋଇଛି ବଡ଼ ବୈଷୟିକ ତ୍ରୁଟି। ଏହି ତ୍ରୁଟିର ଫଳ ଭୋଗିଛନ୍ତି ୟୁଜର। ଏପରିକି ଏହି ବୈଷୟିକ ତ୍ରୁଟି ଯୋଗୁ ୟୁଜରମାନେ ବ୍ୟାଙ୍କର ଅନ୍ୟ ଗ୍ରାହକଙ୍କ କ୍ରେଡିଟ୍ କାର୍ଡର ଗୋପନୀୟ ସୂଚନା ଦେଖିବାରେ ସକ୍ଷମ ହୋଇଛନ୍ତି। ପୁରୁଣା ଗ୍ରାହକଙ୍କ କ୍ରେଡିଟ କାର୍ଡ ଭୁଲ୍‌ରେ ନୂତନ ଗ୍ରାହକଙ୍କ କାର୍ଡ ସହ ସଂଯୁକ୍ତ ହୋଇଯିବା ଯୋଗୁ ଏଭଳି ସମସ୍ୟା ଉପୁଜିଛି। ସମସ୍ୟାକୁ ପରିଚାଳନା କରିବାକୁ ଯାଇ ବ୍ୟାଙ୍କ ୧୭ ହଜାର କ୍ରେଡିଟ୍ କାର୍ଡ ବ୍ଲକ୍ କରିଛି।

ସୂଚନା ଅନୁଯାୟୀ, ଆଇସିଆଇସିଆଇ ବ୍ୟାଙ୍କର ପୁରୁଣା ଗ୍ରାହକଙ୍କ କ୍ରେଡିଟ କାର୍ଡ ଭୁଲ ଭାବରେ ନୂତନ ଗ୍ରାହକଙ୍କ କ୍ରେଡିଟ କାର୍ଡ ସହିତ ସଂଯୁକ୍ତ ହୋଇଯାଇଥିଲା। ଯେଉଁଥିପାଇଁ ବ୍ୟାଙ୍କର ମୋବାଇଲ୍ ଆପରେ ପୂର୍ବରୁ ଉପସ୍ଥିତ ଥିବା ପୁରୁଣା ଗ୍ରାହକମାନେ ନୂତନ ଗ୍ରାହକଙ୍କ ସମ୍ପୂର୍ଣ୍ଣ ସୂଚନା ଦେଖିବା ଆରମ୍ଭ କରିଥିଲେ। ଏହି ଘଟଣା ସାମ୍ନାକୁ ଆସିବା ପରେ ବ୍ୟାଙ୍କ ଅନେକ ଗ୍ରାହକଙ୍କ କ୍ରେଡିଟ କାର୍ଡକୁ ଅବରୋଧ କରିଥିଲା। ଏହି ପରିପ୍ରେକ୍ଷୀରେ ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ କୁହାଯାଇଛି ଯେ, କ୍ରେଡିଟ କାର୍ଡର ଅପବ୍ୟବହାର ହୋଇଥିବା ସମ୍ପର୍କରେ କୌଣସି ସୂଚନା ହସ୍ତଗତ ହୋଇନାହିଁ। ଗ୍ରାହକମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ନ ହେବାକୁ ନିଶ୍ଚିତ କରିବାକୁ, କାର୍ଡଗୁଡିକୁ ବ୍ଲକ୍ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହା ସହିତ ବ୍ୟାଙ୍କ ଏହା ମଧ୍ୟ କହିଛି ଯେ ଯଦି କୌଣସି ଗ୍ରାହକ ଏଥିଯୋଗୁ କ୍ଷତି ସହିଥିଲେ ବ୍ୟାଙ୍କ ତାଙ୍କୁ ସମ୍ପୂର୍ଣ୍ଣ କ୍ଷତିପୂରଣ ପ୍ରଦାନ କରିବ। ଘଟଣାକୁ ନେଇ ସୋସିଆଲ ମିଡିଆରେ ବେଶ ଆଲୋଚନା ଜାରି ରହିଥିଲା। ଭୁଲ ମ୍ୟାପିଂ ହେତୁ ଏହି ସବୁଘଟଣା ଘଟିଛି, ଯେଉଁ କାରଣରୁ ପୁରୁଣା ଗ୍ରାହକମାନେ ନୂତନ ଗ୍ରାହକଙ୍କ ବିଷୟରେ ସମସ୍ତ ତଥ୍ୟ ଦେଖିବାକୁ ସକ୍ଷମ ହୋଇଥିଲେ। ଆଇଟି ନିୟମ ଉଲ୍ଲଂଘନ ପାଇଁ ଆରବିଆଇ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଗୋଟିଏ ଦିନ ପରେ ଆଇସିଆଇସିଆଇ ବ୍ୟାଙ୍କରେ ଏପରି ଘଟଣା ସାମ୍ନାକୁ ଆସିଛି। ଅପରପକ୍ଷେ ଆରବିଆଇ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କକୁ ଅନ୍‌ଲାଇନରେ ନୂତନ ଗ୍ରାହକ ଯୋଡିବାକୁ ବାରଣ କରିଛି।

**ମୁଖ୍ୟ ନିର୍ବାଚନ ଅଧିକାରୀ ଓଡିଶାଙ୍କ କାର୍ଯ୍ୟାଳୟ, ଭୁବନେଶ୍ୱର** D-81

ସଂଖ୍ୟା: ୬୯୬୧ ତାରିଖ : ୨୬.୦୪.୨୦୨୪

**ବିଜ୍ଞପ୍ତି**

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ଯେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ୨୦୨୪ ସାଧାରଣ ନିର୍ବାଚନ ସମୟରେ ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ(FS), ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍ (SST) ତଥା ପୁଲିସ ଭଳି ବିଭିନ୍ନ ସଂସ୍ଥା ଯାନବାହାନ ଓ ବ୍ୟକ୍ତି ବିଶେଷଙ୍କ ଯାଞ୍ଚ କରି ସନ୍ଦେହ ଜନକ ଅର୍ଥ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥାନ୍ତି । ତେବେ ସାଧାରଣ ଲୋକମାନଙ୍କ ଅସୁବିଧାକୁ ଏଡେଇବା ନିମନ୍ତେ ପ୍ରତି ଜିଲ୍ଲାରେ ମୁଖ୍ୟ କାର୍ଯନିର୍ବାହୀ ଅଧିକାରୀ/ ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦଙ୍କ ଅଧ୍ୟକ୍ଷତାରେ **"ଜିଲ୍ଲା ଅଭିଯୋଗ କମିଟି"** ଗଠନ କରାଯାଇଛି। ଉକ୍ତ କମିଟି ଜବତ ସାମଗ୍ରୀର ଖଲାସ ନିମନ୍ତେ ନିଜ ଆଡୁ ବୈଠକ କରି ବିଚାର କରିଥାନ୍ତି। ଜବତ ବିରୁଦ୍ଧରେ କୌଣସି ଏଫଆଇଆର୍ / ଅଭିଯୋଗ ଦାଖଲ କରାଯାଇ ନଥିଲେ କିମ୍ବା ଜବତ ଅର୍ଥ/ସାମଗ୍ରୀ କୌଣସି ପ୍ରାର୍ଥୀ କିମ୍ବା ରାଜନୈତିକ ଦଳ ବା ନିର୍ବାଚନ ପ୍ରଚାର ସହିତ ଜଡିତ ନୁହେଁ ବୋଲି ପ୍ରମାଣିତ ହେଲେ, ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରଣାଳୀ ଅନୁଯାୟୀ ସେହିଭଳି ନଗଦ ଅର୍ଥ/ସାମଗ୍ରୀ ଇତ୍ୟାଦି ତୁରନ୍ତ ମୁକ୍ତ କରିବାକୁ ବାଚନିକ ଆଦେଶନାମା ଦେବା ସହିତ ଜବତ ଅର୍ଥ/ସାମଗ୍ରୀ ଉପଯୁକ୍ତ ବ୍ୟକ୍ତିଙ୍କୁ (ଯେଉଁ ବ୍ୟକ୍ତିଙ୍କ ଠାରୁ ଜବତ ହୋଇଥିଲା) ଫେରସ୍ତ କରିବା ପାଇଁ ପଦକ୍ଷେପ ନେଇଥାନ୍ତି। ଉକ୍ତ କମିଟି ଜବତ ସମ୍ବନ୍ଧୀୟ ସମସ୍ତ ମାମଲାର ଅନୁଧାନ କରିବା ସହିତ ଜବତ ନଗଦ ଅର୍ଥ/ସାମଗ୍ରୀ ଉପରେ ନିଷ୍ପତ୍ତି ନେବ।

ଉପ ମୁଖ୍ୟ ନିର୍ବାଚନ ଅଧିକାରୀ

OIPR-12159/11/0001/2425

